## ସୁନ୍ଦରଗଡ଼ ବସଷ୍ଟାଣ୍ଡରେ ସିସି ଟିଭି

ସୁନ୍ଦରଗଡ(ଡି.ଏନ.ଏ): ଯାତ୍ରୀଙ୍କ ସୁରକ୍ଷା ଓ ବିଭିନ୍ନ ଆପରାଧିକ କାର୍ଯ୍ୟ କଳାପ ଉପରେ କଡା ନଜର ରଖିବା ପାଇଁ ସୁନ୍ଦରଗଡ ନୂଆ ବସଷ୍ଟାଣ୍ଡରେ ଲାଗିଲା ସିସିଟିଭି କ୍ୟାମେରା। ସ୍ଥାନୀୟ ଘରୋଇ ବସ ମାଲିକ ସଂଘ ପକ୍ଷରୁ ବସଷ୍ଟାଣ୍ଡର ଆଠଟି ସ୍ଥାନରେ ଏହି କ୍ୟାମେରା ଲଗାଯାଇଛି। ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବ୍ୟବସ୍ଥାକୁ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଘରୋଇ ବସ ମାଲିକ ସଂଘର ସଭାପତି ରତନ କୁମାର ଷଡ଼ଙ୍ଗୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ସଭାପତି ସୂଚନା ଦେଇଥିଲେ।

### ସଂକ୍ଷେପରେ



## ଓପି ଜିନ୍ଦଲଙ୍କ ଶ୍ରାଦ୍ଧ ଦିବସ ପାଳନ, ନୂତନ ଆମ୍ବୁଲାନ୍ସ ଉଦ୍ଘାଟିତ

ଟେନ୍ସା,୩୧।୩(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ଟେନସାରେ ଥିବା ଟି.ଆର .ବି ଖଣି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃର ମାଲିକ ସ୍ୱର୍ଗତ ଓପି ଜିନ୍ଦଲଙ୍କ ୧୬ତମ ଶ୍ରାଦ୍ଧ ଦିବସ ବୁଧବାର ପାଳିତ ହୋଇଛି। ଏହା ସହ ପାରିପାର୍ଶ୍ୱିକ ଅଞ୍ଚଳ ପାଇଁ ଏକ ନୂତନ ଆମ୍ବୁଲାନ୍ସ ଉପ ଜିଲାପାଳଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଆଜି ଦିନ ତମାମ ଟେନସା ଜିନ୍ଦଲ ପକ୍ଷରୁ ଶ୍ରାଦ୍ଧ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟେନସା ଜିନ୍ଦଲର ୟୁନିଟ ହେଡ ପ୍ରମୋଦ କୁମାର ପାତ୍ର ଅଧକ୍ଷତାରେ ସକାଳୁ ଓପି ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେବା ସହ କଲୋନୀରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜା ହୋମ, ଗୀତା ପାଠ କରାଇଥିଲା । ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଜିନ୍ଦଲ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀମାନେ ସ୍ୱଇଚ୍ଛାରେ ରକ୍ତ ଦାନ କରିଥିଲେ। ମୋଟ ୪୮ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅପରାହ୍ଣରେ ଆମ୍ବୁଲାନ୍ସ ଉଦ୍ଘାଟିତ କାର୍ଯ୍ୟକ୍ରମ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ ଯୋଗଦେଇ ନୂତନ ଆମ୍ବୁଲାନ୍ସ ଉଦ୍ଘାଟିତ କରିଥିଲେ। ଅନ୍ୟ ଅତିଥି ଭାବେ ଜିନ୍ଦଲ ଖଣିର ୟୁନିଟ ହେଡ ପ୍ରମୋଦ କୁମାର ପାତ୍ର, ପ୍ରଭାକର ମଲ୍ଲିକ, ଦୁର୍ଯ୍ୟୋଧନ ନାଏକ, ସୁଦର୍ଶନ ପାତ୍ର, ପ୍ରମୁଖ ଯୋଗଦେଇ ଜିନ୍ଦଲ ଖଣି ପକ୍ଷରୁ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ। ଜିନ୍ଦଲ ପକ୍ଷରୁ ପ୍ରଶାସନ ବିଭାଗ ର ସୁଦାମ ମହାକୁଡ଼, ପି.କେ ଧଳ, ଅଜିତ ବିଶୋଇ, ବି.ଡି ସାହୁ, ଅଭିମନ୍ୟୁ ସାମଲ, ଏସ.ଏସ ବିଶ୍ୱାଳ, ରାଜେଶ ମିଶ୍ର, ଲେଡିସ କ୍ଲବ ସଭାପତି ଟୁକୁନି ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏସ. ପି ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ପ୍ରାଚୀନ ପୋଖରୀ ପରିତ୍ୟକ୍ତ

- ଦୁଇଟି ପୋଖରୀ ପୁନରୁଦ୍ଧାର କରାଯାଉ
- ବ୍ୟବହାରରେ ଆସୁନାହିଁ ପୋଖରୀ

କୁତ୍ରା, ୩୧।୩(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳରେ ୧୦ ନମ୍ବର ରାଜ୍ୟ ରାଜପଥ କଡ଼ରେ ଥିବା ପ୍ରାଚୀନ ପୋଖରୀ ପରିତ୍ୟକ୍ତ ହୋଇରହିଛି। ଏହାର ପୁନରୁଦ୍ଧାର ଆବଶ୍ୟକ ହୋଇପଡ଼ିଛି। ଦୀର୍ଘ ୧୦୦ ବର୍ଷ ପାଖାପାଖି ହେବ ଏହି ପୋଖରୀ ରହିଛି। ଏହି ପୋଖରୀ ଦୀଘ ବର୍ଷଧରି ଅଳିଆ ଆବର୍ଜ୍ଜନାରେ ଭର୍ତ୍ତି ହୋଇ ପଡ଼ିରହିଛି। ପୋଖରୀ କୁଢ଼କୁଢ଼ କାଦୁଅ ସାଙ୍ଗକୁ ଅଳିଆ ଆବର୍ଜ୍ଜନାରେ ପରିପୂର୍ଣ୍ଣ। ଭଲ ପାହାଚ ନାହିଁ କି ପରିଷ୍କାର ପରିଚ୍ଛନ୍ନ ନାହିଁ। ଏଣୁ ପୋଖରୀ ଗ୍ରାମବାସୀ ଓ ପଥଚାରୀଙ୍କ ବ୍ୟବହାରରେ ଆସି ପାରୁନାହିଁ। ସୂଚନା ଥାଉକି ଏହି ପୋଖରୀ ୧୦ ନମ୍ବର ରାଜ୍ୟ ରାଜପଥର କଡ଼ରେ ଥିବା ଏକ ଶୈବପୀଠ ପାଖରେ ଥିବାରୁ ବହୁ ବର୍ଷ ପୂର୍ବେ ଗ୍ରାମବାସୀ ଏହି ପୋଖରୀରେ ଗାଧୋଇ ଶୈବପୀଠକୁ ଦର୍ଶନ କରିବା ପାଇଁ ଯାଉଥିଲେ। ହିନ୍ଦୁ ଧର୍ମର ଲୋକମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ବୁଡ ଦେବା ସହିତ ଡ଼ଙ୍ଗା ଭସାଉଥିଲେ। ଛଟ ପୂଜାରେ ପୂଜାର୍ଚ୍ଚନା ପାଇଁ ବ୍ୟବହାର କରିଆସୁଥିଲେ। ଏହି ପୋଖରୀରେ ଗ୍ରାମବାସୀ ମାଛ ଚାଷ କରି ଦୁଇ ପଇସା ରୋଜଗାର କରିପାରୁଥିଲେ। ଅନ୍ୟ ପକ୍ଷରେ ଅନୁରୂପ ଭାବରେ କୁତ୍ରା ବ୍ଲକ ପଛପଟେ ଅନ୍ୟ ଏକ ପୋଖରୀ ସମାନ ଅବସ୍ଥାରେ ପଡ଼ିରହିଛି। ଏଣୁ ଏହି ପୋଖରୀ ଦ୍ୱୟକୁ ଯଥାଶୀଘ୍ର ଦୃଷ୍ଟି ଦେଇ ପଞ୍ଚାୟତ ପକ୍ଷରୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ବ୍ୟବହାର ଉପଯୋଗୀ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ପଞ୍ଚାୟତ ନାମରେ ଥିବା ଏହି ପୋଖରୀରେ ପ୍ରାୟ ୨୫।୩୦ ବର୍ଷ ତଳେ ବାଲକୁ ନାମକ ଜଣେ ବ୍ୟକ୍ତି ପାଣିରେ ବୁଡି ମରିଯିବାରୁ ପୋଖରୀର ନାମ ବାଲକୁ ବନ୍ଧ ନାମରେ ପରିଚିତ ହୋଇଛି।



ପୋଖରୀରେ ଅଳିଆଆବର୍ଜନା ଭରିରହିଛି।

**ରିପୋର୍ଟ: ଦେବାଶିଷ ସାହୁ**

# କାରଖାନାରେ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡ ଘଟି ଅଞ୍ଚଳ ଧୂମାମୟ ହୋଇଯାଇଛି।

**ନିଆଁକୁ ଆୟତ୍ତ କରିବାକୁ ଦେଢ଼ଘଣ୍ଟା ଲାଗିଲା**

ରାଜଗାଙ୍ଗପୁର, ୩୧।୩ (ଡି.ଏନ.ଏ)

ରାଜଗାଙ୍ଗପୁର ଥାନା ତଥା କାଂଶବାହାଲ ଫାଣ୍ଡି ଅଧିନସ୍ଥ ମାଣ୍ଡିଆକୁଦରଠାରେ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ଧରି ବନ୍ଦ ପଡିଥିବା ସାଇରସ ଇଞ୍ଜିନିୟରିଂ ୱାର୍କସ ନାମକ ଏକ କାରଖାନାରେ ଦିନ ଦ୍ୱିପ୍ରହର ପ୍ରାୟ ସାଢ଼େ ୧୨ଟାରେ ହଠାତ ଅଗ୍ନିକାଣ୍ଡ ଘଟି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଅଞ୍ଚଳଟି ଧୂମାମୟ ହୋଇଯାଇଥିଲା। ଫାଣ୍ଡି ଅଧିକାରୀ ବିଜୟ କୁମାର ସିଂ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି କୁତ୍ରାରୁ ୧ଟି, କୁଆଁରମୁଣ୍ଡାର ୧ଟି, ରାଉରକେଲାରୁ ୨ଟି, ରାଉରକେଲା ଷ୍ଟିଲ ପ୍ଲାଣ୍ଟରୁ ୨ଟି ଏହିପରି ୬ଟି ଦମକଳବାହିନୀ ଡକାଇଥିଲେ। ଏହି ଅଗ୍ନିକାଣ୍ଡକୁ ଆୟତ୍ତ କରିବା ପାଇଁ ଦୀର୍ଘ ଦେଢ଼ଘଣ୍ଟା କାଳ ଅଗ୍ନିଶମ ବିଭାଗକୁ ଲାଗିଲା ପରେ ନିଆଁ ଲିଭିଥିଲା। ଉକ୍ତ ବନ୍ଦ ପଡିଥିବା କାରଖାନାରେ ପିଚୁ ଡ୍ରମ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଜମା ହୋଇ ରହିଥିଲା ଓ କାରଖାନା ଦେଇ ୪୪୦ ଇଲେକ୍ଟ୍ରିକ୍ ଭୋଲ୍ଟ ତାର ମଧ ଯାଇଥିଲା। ଅଗ୍ନିକାଣ୍ଡ କିପରି ଘଟିଲା ତାହା ଏକ ପ୍ରଶ୍ନବାଚୀ ହୋଇରହିଛି ।

# କୁଆଁରମୁଣ୍ଡା ଲ୍ୟାମ୍ପ୍ସର ୪ ଜଣଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କୁଆଁରମୁଣ୍ଡା,୩୧।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଲ୍ୟାମ୍ପ୍ସର ୪ ଜଣ କର୍ମଚାରୀଙ୍କୁ ବୁଧବାର ଲ୍ୟାମ୍ପ୍ସ କାର୍ଯ୍ୟାଳୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ଲ୍ୟାମ୍ପ୍ସର ପରିଚାଳନା ନିର୍ଦ୍ଦେଶକ ରଣଜିତ୍ ଲାକ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅବସର ଗ୍ରହଣ କରିଥିବା ୪ଜଣ କର୍ମଚାରୀଙ୍କର ଅବସର ଜୀବନ ନିରୋଗ ଓ ସୁଖମୟ ହେବା ପାଇଁ ନିଜ ବକ୍ତବ୍ୟରେ କହିଥିଲେ। ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ହେଲେ ପ୍ରମୋଦ କୁମାର ସାହୁ, ଅନାମ ହାସଦା ଓ ପୂର୍ବରୁ ଅବସର ନେଇଥିବା କର୍ମଚାରୀମାନେ ହେଲେ ତ୍ରିଲୋଚନ ପରିଡା ଓ କୁଶଲ ଏକ୍କା। ଉପରୋକ୍ତ ୪ କର୍ମଚାରୀଙ୍କ ମଧ୍ୟରୁ ଅନାମ ହାଁସଦା କିରାଣୀ ଚାକିରୀରୁ ସ୍ୱେଚ୍ଛାକୃତଭାବେ ଅବସର ଗ୍ରହଣ କରିଛନ୍ତି। ପ୍ରାରମ୍ଭରେ ମୁଖ୍ୟ ଅତିଥି ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ଲାକ୍ରା ସେମାନଙ୍କୁ ଫୁଲତୋଡା, ଉପଢୌକନ ଇତ୍ୟାଦି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲ୍ୟାମ୍ପ୍ସ କର୍ମଚାରୀ ରଙ୍ଗାଧର ଦାସ, ଶରତ କୁମାର ମାଝି, ଏକାଦଶିଆ କିସାନ, ସନ୍ଧ୍ୟାରାଣୀ ଦାସ, ଛନ୍ଦାରାଣୀ ପୋଥାଲ, ମଦନମୋହନ ତିର୍କୀ, ଖଗେଶ୍ୱର ବେହେରା, ସୁଜିତ୍ ନିଖଣ୍ଡିଆ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।



କୁଆଁରମୁଣ୍ଡା ଲ୍ୟାମ୍ପ୍ସର ୪କର୍ମଚାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

## ଯୁବକର ଆତ୍ମହତ୍ୟା ଉଦ୍ୟମ

ଲହୁଣୀପଡା, ୩୧।୩ (ଡି.ଏନ.ଏ)

କେ.ବଲାଙ୍ଗ ଥାନା ବିମଳାଗଡ ରେଳ ଷ୍ଟେସନ ନିକଟରେ ବୁଧବାର ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକ ରେଳ ଧାରଣାରେ ଆତ୍ମହତ୍ୟା ଉଦ୍ୟମ କରି ଗୋଡ ଦୁଇଟି ହରାଇଛନ୍ତି। ବିମଳାଗଡ ନିକଟସ୍ଥ ଫକୀରମୁଣ୍ଡା ଗ୍ରାମର ସଞ୍ଜୟ ମୁଣ୍ଡା (୨୦)ଙ୍କ ଘରେ କୌଣସି କାରଣ ଯୋଗୁଁ କଳହ ସୃଷ୍ଟି ହୋଇଥିଲା । ସେ ସହି ନ ପାରି ନିକଟସ୍ଥ ବିମଳାଗଡ ଷ୍ଟେଶନର ରେଳ ଧାରଣାରେ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ଟ୍ରେନ ଉଭୟ ଗୋଡ ଉପରେ ଚାଲିଯିବାରୁ ଆଣ୍ଠୁ ତଳରୁ ଗୋଡ ଦୁଇଟି ଛିଣ୍ଡି ଯାଇଛି। ଖବରପାଇ ରେଳବାଇ ପୋଲିସ ପହଞ୍ଚି ସଞ୍ଜୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ ମଧ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି।

# ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅନିଲ କୁମାର କେର୍‌କେଟାଙ୍କ ସହିତ ସମସ୍ତ କର୍ମଚାରୀ।

ସୁନ୍ଦରଗଡ,୩୧।୩(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ଯୁଧିଷ୍ଠିର ସାହୁ ବୁଧବାର ଚାକିରୀରୁ ଅବସର ଗ୍ରହଣ କରିଛନ୍ତ। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅନିଲ କୁମାର କେର୍‌କେଟାଙ୍କ ସହିତ ସମସ୍ତ କର୍ମଚାରୀ ଓ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ତାଙ୍କ ଚାକିରୀ କାଳ ମଧରେ ତାଙ୍କର ସମୟାନୁବର୍ତ୍ତିତା ଓ ନିଷ୍ଠାପର କର୍ତ୍ତବ୍ୟ ସମ୍ପାଦନକୁ ସମସ୍ତେ ପ୍ରଶଂସା କରି ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ।

# ପରିତ୍ୟକ୍ତ ଅଙ୍ଗନୱାଡି କେନ୍ଦ୍ରର ହେଲା ପାଚେରି

କୁତ୍ରା, ୩୧।୩(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳର ଏକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପରେ ପରିତ୍ୟକ୍ତ ହୋଇପଡ଼ିଥିଲା। ଏବେ ତାହା ବ୍ୟବହାର ଯୋଗ୍ୟ ହୋଇଛି। ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପରେ ବ୍ୟବହାରରେ ଆସିଲା ନାହିଁ ବୋଲି ବିଭିନ୍ନ ଗଣମାଧମରେ ଖବର ପ୍ରକାଶିତ ହେବା ସତ୍ତ୍ୱେ ଏହା ଉପରେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିଲା। ମାତ୍ର ଧରିତ୍ରୀ ଖବର କାଗଜରେ ଗତ ଫେବୃଆରୀ ୨୧ ତାରିଖରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ଜାଗ୍ରତ ହୋଇ ପଦକ୍ଷେପ ନେଇଛି। ସମଗ୍ର ଅଞ୍ଚଳକୁ ପାଚେରି ଓ ସୁରକ୍ଷା ବ୍ୟବସ୍ଥା କରିବା ସହିତ ଅଙ୍ଗନୱାଡି ଓ ମିଶନ ଶକ୍ତିକୁ ସୁରକ୍ଷା ଦେବାର ବ୍ୟବସ୍ଥା କରିଛି। ବିଳମ୍ବରେ ହେଲେ ମଧ ପ୍ରଶାସନର ଏହି ପଦକ୍ଷେପକୁ ଅଞ୍ଚଳର ନାଗରିକମାନେ ପ୍ରଶଂସା କରିଛନ୍ତି। ସୂଚନା ଯୋଗ୍ୟଯେ ନବ ନିର୍ମାଣ ଏହି ଗୃହ ମଳତ୍ୟାଗ, ସର୍ବସାଧାରଣ ପରିସ୍ରାଗାର, ଅସାମାଜିକ ଲୋକମାନଙ୍କର ଆଡ୍ଡା ଭାବେ ଏହି ଅଞ୍ଚଳ କୁଖ୍ୟାତ ଅର୍ଜନ କରିଥିଲା। ତେବେ ପରିବର୍ତ୍ତିତ ସ୍ଥିତିକୁ ନେଇ ସାଧାରଣରେ ସନ୍ତୋଷ ବ୍ୟକ୍ତ କରାଯାଇଛି।



ପରିତ୍ୟକ୍ତ ଅଙ୍ଗନୱାଡି କେନ୍ଦ୍ର ପାଚେରି ବଳୟରେ।

# ଦେବଗଡ଼ ଭାଜପା ନେତାଙ୍କ ଆସାମରେ ନିର୍ବାଚନ ପ୍ରଚାର



ଆସାମରେ ପ୍ରଚାର କରୁଛନ୍ତି ଓଡ଼ିଶାର ଭାଜପା ନେତା।

ଦେବଗଡ଼, ୩୧।୩ (ଡି.ଏନ.ଏ.)

ଆସାମ ରାଜ୍ୟରେ ବିଧାନସଭା ନିର୍ବାଚନ ୧ ଓ ୬ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଆସାମରେ ରାଜ୍ୟର ଭାଜପା ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ମୁଖ୍ୟମନ୍ତ୍ରୀ ସାର୍ବନନ୍ଦ ସୋନୋବାଲ, ବରିଷ୍ଠ ଭାଜପା ନେତା ହେମନ୍ତ ବିଶ୍ୱ ଶର୍ମା, ଆସାମ ରାଜ୍ୟର ଭାଜପା ସଭାପତି ରଞ୍ଜିତ ଦାସ, ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦିଲ୍ଲୀପ ସାଇକିଆ ପ୍ରମୁଖ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଦେବଗଡ଼ ଭାଜପାର ଯୁବ ନେତା ତଥା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା ରାଷ୍ଟ୍ରୀୟ ଉପସଭାପତି ତଥା ଆସାମ ପ୍ରଭାରୀଙ୍କ ନିର୍ଦ୍ଦେଶରେ ଓଡିଶାରୁ ଆସାମକୁ ପ୍ରଚାର ଲାଗି ଯାଇଛନ୍ତି। ଭାଜପାର ନେତାମାନେ ଆସାମର ଓଡିଆ ଭୋଟରମାନଙ୍କ ନିକଟରେ ପ୍ରଚାର ମଙ୍ଗ ଧରିଛନ୍ତି। ଆସାମରେ ପହଞ୍ଚି ବୈଜୟନ୍ତ ପଣ୍ଡାଙ୍କୁ ସ୍ୱାଗତ କରିଛନ୍ତି ଏବଂ ଆସାମରେ ଭାଜପା ବିଜୟ ଲାଭ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ସୁଧିର କୁମାର ବ୍ରହ୍ମା (ନିଲୁ) ଆସାମରେ ପ୍ରଚାରରେ ଯୋଗଦେବା ପରେ ଦେବଗଡ଼ ଯୁବକଙ୍କ ମଧରେ ଖୁସିର ଲହର ଖେଳିଯାଇଛି। ଏଥିରେ ଯୁବ ମୋର୍ଚ୍ଚାର ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ସ୍ୱାଇଁ, ବାଲେଶ୍ୱର ଜିଲା ଯୁବମୋର୍ଚ୍ଚା ଉପସଭାପତି ବିକାଶ ପାଢୀ ଏବଂ ଅନ୍ୟ ଯୁବନେତା ପ୍ରଚାରରେ ଯୋଗ ଦେଇଛନ୍ତି।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ଦେବଗଡ଼,୩୧।୩(ଡି.ଏନ.ଏ.)

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଅଧିନସ୍ଥ ନେହେରୁ ଯୁବକେନ୍ଦ୍ର ଓ ମାକରମୁଣ୍ଡା ସ୍ଥିତ ମା’ ମହାଲକ୍ଷ୍ମୀ କ୍ଲବର ମିଳିତ ଆନୁକୂଲ୍ୟରେ ବାରକୋଟ ବ୍ଲକ ଅନ୍ତର୍ଗତ କଂଟାପାଳି ଗ୍ରାମ ପଂଚାୟତ ସଦର ମହକୁମା ସ୍ଥିତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜିକା ରୀତାଶାନ୍ତି ଡୁଙ୍ଗଡୁଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଂଟାପାଳି ପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ବେହେରା ଓ କଂଟାପାଳି ଶାଖା ପୋଷ୍ଟ ମାଷ୍ଟର ଦେବାଶିଷ ସୁନା ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ବହୁ ଯୁବ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ମା’ ମହାଲକ୍ଷ୍ମୀ କ୍ଲବର ସଭାପତି ବିଶ୍ୱନାଥ ପ୍ରଧାନ ଓ ସମ୍ପାଦକ ବିଷ୍ଣୁଚରଣ ବଣିଚୂଳଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।





# ରକ୍ତଦାନ ଶିବିର: ୨୯ ୟୁନିଟ ସଂଗ୍ରହ

ଦେବଗଡ଼, ୩୧।୩(ଡି.ଏନ.ଏ.)

ଦେବଗଡ ଜିଲା ବିଜୁ ଜନତାଦଳ, ଓଡିଶା ମୋ ପରିବାର ‘ଜୀବନ ବିନ୍ଦୁ’ ଆନୁକୂଲ୍ୟରେ ବାରକୋଟ ବ୍ଲକ ଝରାକଣ୍ଠଳ ପଞ୍ଚାୟତର ପୁରୁଣାପାଣି ଗ୍ରାମରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ଜନତା ଦଳ ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳଙ୍କ ଆବାହକତ୍ୱ ତଥା ଜିଲା ଯୁବ ବିଜୁ ଜନତା ଦଳର ଜିଲା ସଭାପତି ପ୍ରତାପ ଦେବଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୨୯ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଆର୍. ମାରାଣ୍ଡିଙ୍କ ନେତୃତ୍ୱରେ ଏସ.ଏସ୍.ଇ. ଗୋପାଳକୃଷ୍ଣ ସାହୁ, ଟେକ୍‌ନିସିଆନ ଆଲୋକ ମହାପାତ୍ର, ଷ୍ଟାଫ୍‌ନର୍ସ ଅମ୍ବିକା ଦାସ ଓ ରକ୍ତ ଭଣ୍ଡାର ଲୋକ ସମ୍ପର୍କ ଅଧିକାରୀ ମଳୟ କୁମାର ବେହେରା ପ୍ରମୁଖ ଶିବିର ପରିଚାଳନା ଓ ରକ୍ତ ସଂଗ୍ରହ କରିଥିଲେ। ଶିବିର ଆୟୋଜନରେ ବାରକୋଟ ବ୍ଲକ ଯୁବ ବିଜୁ ଜନତା ଦଳର ସଭାପତି ସିକୁନ ପ୍ରଧାନ,ଝରାକଣ୍ଠଳ ପଞ୍ଚାୟତ ସଭାପତି ମାନଭଞ୍ଜନ ସାହୁ ଓ ଯୁବ ସଙ୍ଗଠନ ଲିଙ୍କନ ସାହୁଙ୍କ ସମେତ ଯୁବ ବିଜୁ ଜନତା ଦଳର ବହୁନେତା ଓ କର୍ମୀ ସହଯୋଗ କରିଥିଲେ।





‘ଜୀବନବିନ୍ଦୁ’ ଆନୁକୂଲ୍ୟରେ ରକ୍ତଦାନ ଶିବିର।

# ବାମଣ୍ଡା କଳାକାର ସଂଘର ସମାବେଶ

ଦେବଗଡ଼,୩୧।୩(ଡି.ଏନ.ଏ.)

ତିଲେଇବଣି ବ୍ଲକ ଅନ୍ତର୍ଗତ ନୂଆଗାଁ ଆମ୍ବତୋଟା ଠାରେ ବାମଣ୍ଡା କଳାକାର ସଂଘର ବାର୍ଷିକ ଅଧିବେଶନ ସମାବେଶ ଏବଂ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ନୂତନ ସଭାପତି ଭାବେ ବିପିନ ବିହାରୀ ନନ୍ଦ ପୁନଃ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ପ୍ରଦୀପ କୁମାର ଅମାନ୍ତ, ସାଧାରଣ ସମ୍ପାଦକ ଭାବେ ରୋମିଓ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ମଙ୍ଗଳ ମହାକୁର ଓ କୋଷାଧ୍ୟକ୍ଷ ଭାବେ ଯଦୁମଣି ବେହେରାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ହେମନ୍ତ କୁମାର ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଅତୁଲ୍ୟ କୁମାର ପୂଜାରୀ, ପ୍ରଶାନ୍ତ କୁମାର ନନ୍ଦ, ଦିଲ୍ଲୀପ କୁମାର ଗୁରୁ, ମନୋଜ କୁମାର ପାଢୀ ଓ ହିମାଂଶୁ ଶେଖର ପ୍ରଧାନଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ୧୧ଜଣଙ୍କୁ ମନୋନୀତ କରାଯାଇଥିବା ଜଣାପଡିଛି। ଆଗାମୀ ଦିନରେ ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ମଧ ଏହି ଅବସରରେ ସବ୍ କମିଟିମାନ ଗଠନ କରାଯାଇଥିଲା।



ବାମଣ୍ଡା କଳାକାର ସଂଘର କର୍ମକର୍ତ୍ତା।

## ଶିବମନ୍ଦିରର ରତ୍ନମୁଦ ଉତ୍ସବ



ନାକଟିଦେଉଳ,(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ଜାମୁଯୋରୀ ପଞ୍ଚାୟତ ଅଙ୍ଗାବିରା ଗ୍ରାମ ନିକଟ ପାର୍ବତୀପୁରଠାରେ ନିର୍ମିତ ଶିବମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ କଳସ ଶୋଭାଯାତ୍ରା ପରେ ଅପରାହ୍ନ ୧ଟାରେ ରତ୍ନମୁଦ ସ୍ଥାପନ କରାଯାଇଥିଲା। ଗ୍ରାମର ମହେନ୍ଦ୍ର ସାହୁ ଓ ବାଲବତୀ ସାହୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଆଖପାଖ ତୁଟାବାରୀ, ଚଡ଼ଚଡ଼ି, ଅଙ୍ଗାବିରା, ଗୁରୁଜାଙ୍ଗ, ବିନ୍ଦପୁର, ଜାମୁଯୋରୀ, ବାଘବର, ତୁଙ୍ଗାମାଳ ଆଦି ଗ୍ରାମର ଜନସାଧାରଣଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବହୁ ସାଧୁସନ୍ଥ ସମେତ ବିଭିନ୍ନ ଗ୍ରାମର ନାମସଂକୀର୍ତ୍ତନ ଦଳ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପରେଡ, ରିଜର୍ଭ ପୋଲିସ ପଡିଆ, ସକାଳ ୮ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ, କଚେରୀ ଛକସ୍ଥିତ ଶହୀଦ ସ୍ତମ୍ଭ, ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା।
- ୱାଟର ସ୍ପୋର୍ଟ୍ସ ଉଦ୍‌ଘାଟନୀ ଉତ୍ସବ, ହୀରାକୁଦ ଜଳଭଣ୍ଡାର ରାଇଟ୍ ଡାଇଗ୍, ମଧ୍ୟାହ୍ନ ୧୨ଟା।

**ସୁନ୍ଦରଗଡ**

- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ, ବିକାଶ ଭବନ, ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ପାଳନ ସମାରୋହ, ରିଜର୍ଭ ପୋଲିସ ପଡିଆ, ଶଙ୍କରା, ସକାଳ ୮ଟା।

# ଟାଗିଦ ପରେ ସୁଧୁରୁନି ଠିକା କମ୍ପାନୀ

**ସମ୍ବଲପୁର,୩୧।୩(ବ୍ୟୁରୋ)**

ସମ୍ବଲପୁର-ତିଲେଇବଣି ୪ ଥାକିଆ ରାସ୍ତା ନିର୍ମାଣ ଆରମ୍ଭରୁ ଅନିୟମିତତା ଅଭିଯୋଗ ହୋଇଆସୁଛି। ଲୋକଙ୍କ ଅଭିଯୋଗ ଉପରେ ଜାନୁୟାରୀ ୪ରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇଥିଲା। କେନ୍ଦ୍ରୀୟ ଟିମ୍ ମଧ୍ୟ ଜାନୁୟାରୀ ୮ରେ ସମ୍ବଲପୁର ଗସ୍ତରେ ଆସି ରାସ୍ତାର ବିଭିନ୍ନ ସ୍ଥାନରେ ମାଟି, କଂକ୍ରିଟ, ପିଚୁ ଖୋଳି ଦେଖିଥିଲା। ବିଛାଯାଇଥିବା ଫ୍ଲାଏଆଶ ମଧ୍ୟ ଯାଞ୍ଚ କରିଥିଲା। କାମର ମାନକୁ ନେଇ ଉଦ୍‌ବେଗ ପ୍ରକାଶ କରି ଟିମ୍ ପୁନଃ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲା। ବିଭାଗୀୟ ଅଧିକାରୀଙ୍କ ଟାଗିଦ ସତ୍ତ୍ୱେ କମ୍ପାନୀ ପୂର୍ବଭଳି ନିମ୍ନମାନର କାମ କରୁଥିବା ଅଭିଯୋଗ ହେଉଛି। ମୋରମ ବଦଳରେ ମାଟି ଓ ଫ୍ଲାଏଆଶ ବ୍ୟବହାର କରାଯାଉଛି। କାଲିଫର୍ନିଆ ବିୟରିଙ୍ଗ ରେସିଓ (ସିବିଆର) ପାଳନ କରାଯାଉନାହିଁ। ଠିକ୍ ଭାବେ କମ୍ପେକ୍ସନ କରାଯାଉ ନାହିଁ। ମେଟାଲ ଓ ଡଷ୍ଟ ମିଶ୍ରଣ ଅନିୟମିତତା ଯୋଗୁ ଜେଏସ୍‌ବି ମାନ ଠିକ୍ ରହୁନାହିଁ।

କଂକ୍ରିଟ ରାସ୍ତା ପାଇଁ ୧୫୦ ଏମ୍ଏମ୍ (୬ ଇଞ୍ଚରୁ ଉର୍ଦ୍ଧ୍ୱ) ଓ ପିଚୁ ରାସ୍ତା ପାଇଁ ୨୦୦ ଏମ୍ଏମ୍ (୮ ଇଞ୍ଚରୁ ଉର୍ଦ୍ଧ୍ୱ) ସମାନ ଭାବେ ରାସ୍ତା ଉପରେ ପଡିବା ନିୟମ ରହିଛି। ହେଲେ ଅନେକ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏନ୍ଏଚ୍ଏଆଇ ଓ ଯାଞ୍ଚ ଏଜେନ୍ସି (ସେଗ୍‌ମେଣ୍ଟାଲ) ଦାୟିତ୍ୱରେ ଅବହେଳା ଯୋଗୁ କମ୍ପାନୀ ମନମୁଖି କାମ କରିଚାଲିଛି। ନିୟମ ଦୃଷ୍ଟିରୁ ପ୍ରତି ୧ ହଜାର କ୍ୟୁବିକମିଟର ରାସ୍ତାରେ ଅତିକମ୍‌ରେ ୯ ସ୍ଥାନରେ କଂକ୍ରିଟ କିମ୍ବା ପିଚୁ ଖୋଳି ଯାଞ୍ଚ ହେବା କଥା। ହେଲେ ଏହି ନିୟମ ପାଳନ କରାଯାଉ ନାହିଁ। ଯଦି ଏନ୍ଏଚ୍ଏଆଇ ଓ ଯାଞ୍ଚ ଏଜେନ୍ସି ସେଗ୍‌ମେଣ୍ଟାଲ କାମର ତଦାରଖ କରିଥାନ୍ତେ ତା'ହେଲେ କେନ୍ଦ୍ରୀୟ ଟିମ୍ ହାତରେ ନିମ୍ନମାନର କାମ ଧରାପଡି ନ ଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ଦିଗରେ ଏନ୍ଏଚ୍ଏଆଇ ଦୃଷ୍ଟି ଦେବା ସହ ଅବହେଳା କରୁଥିବା ଯାଞ୍ଚ ଏଜେନ୍ସିକୁ ବାଦ୍ ଦିଆଯାଉ ବୋଲି ଦାବି ହେଉଛି। ଏ ସମ୍ପର୍କରେ ଏନ୍ଏଚ୍ଏଆଇ ପିଡି ଭେଙ୍କଟେଶ୍ୱର ଲୁ କହିଛନ୍ତି, କାମର ମାନକୁ ନେଇ ଟାଗିଦ କରାଯାଇଛି। ଯେଉଁସ୍ଥାନରେ ନିମ୍ନମାନର କାମ ଜଣାପଡିଛି ତାହାକୁ ପୁନର୍ବାର କମ୍ପାନୀ କରିବ। ସମସ୍ତ ଦିଗକୁ ନେଇ ମାନ ଯାଞ୍ଚ କରାଯିବ। ଏଥିପାଇଁ ଅତ୍ୟାଧୁନିକ ମେଶିନ ବ୍ୟବହାର କରାଯିବ। ବ୍ୟୟ ଅଟକଳ ଅନୁସାରେ କାମ ହୋଇ ନ ଥିଲେ ବିଲ୍ ଟଙ୍କା ପ୍ରଦାନ କରାଯିବ ନାହିଁ। ସୂଚନାଯୋଗ୍ୟ ଯେ, ସମ୍ବଲପୁର-ତିଲେଇବଣି ରାସ୍ତା ନିର୍ମାଣ କାମ ପ୍ରଥମେ ପୁଞ୍ଜିଲେଡ କମ୍ପାନୀ ଟେଣ୍ଡର ମାଧ୍ୟମରେ ପାଇଥିଲା। ପରେ ବିଭିନ୍ନ ସମସ୍ୟା ଓ ବିବାଦ ଯୋଗୁ କମ୍ପାନୀ କାମ ବନ୍ଦ କରିଦେଇଥିଲା। ଏବେ ଡିଭି ଡେଭଲପ ନାମକ କମ୍ପାନୀ ଏହି କାମ କରୁଛି। ଆର୍ଥିକ ବର୍ଷ ୨୦୧୬-୧୭ରୁ ଜମି ଅଧିଗ୍ରହଣ କାମ ସମ୍ପୂର୍ଣ୍ଣ ହୋଇଥିଲା। ୨୦୧୮ରେ କାମ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଥିଲା। ଏବେ ସମୟସୀମା ବୃଦ୍ଧି କରାଯାଇଥିଲେ ମଧ୍ୟ ସେହି ଅବଧି ମଧ୍ୟରେ କାମ ସରିନାହିଁ। ଏହି ପ୍ରକଳ୍ପ ପାଇଁ ପ୍ରାୟ ୪ ଶହ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା।



ନିର୍ମାଣାଧୀନ ସମ୍ବଲପୁର-ତିଲେଇବଣି ରାସ୍ତା।

**ସମ୍ବଲପୁର-ତିଲେଇବଣି ଚାରିଥାକିଆ ରାସ୍ତା କାମ**
- ଯାଞ୍ଚ ଏଜେନ୍ସିର ଅବହେଳା ଅଭିଯୋଗ
- ସିବିଆର, କମ୍ପେକ୍ସନର ମାନ ରହୁନାହିଁ
- ଉଦ୍‌ବେଗ ପ୍ରକାଶ କରିଥିଲା କେନ୍ଦ୍ରୀୟ ଟିମ୍

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ବାଇକ୍ ଲୁଟ୍

**ରେଙ୍ଗାଲି, ୩୧।୩(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ରେଙ୍ଗାଲି-ସପନେ ରାସ୍ତାର ସାଲଡ ଗ୍ରାମ ନିକଟରେ ବୁଧବାର ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଜଣଙ୍କଠାରୁ ବାଇକ୍ ଲୁଟିନେଇଛନ୍ତି। ସାଲେପଡା ଗ୍ରାମର ଦେବେନ୍ଦ୍ର ଓରାମ ନିଜ ହୋଣ୍ଡା ବାଇକ୍ (ଓଡି୧୫କ୍ୟୁ-୫୦୧୫) ଯୋଗେ ସମ୍ପର୍କୀୟଙ୍କ ଗାଁ ଚାରପାଲି ଯାଉଥିଲେ। ପୂର୍ବାହ୍ନ ୧୧ଟା ସମୟରେ ସାଲଡ ଗ୍ରାମ କ୍ରଶର ଛକରେ ହଠାତ୍ ୩ଜଣ ଦୁର୍ବୃତ୍ତ ପହଞ୍ଚି ତାଙ୍କୁ ଅଟକାଇଥିଲେ। ଜଣେ ତାଙ୍କ ବାଇକ୍ ପଛପଟେ ବସିଥିବା ବେଳେ ଅନ୍ୟ ଜଣେ ବନ୍ଧୁକ ଦେଖାଇଥିଲେ। ଦେବେନ୍ଦ୍ର ଭୟଭୀତ ହୋଇପଡିଥିବା ଦେଖି ଦୁର୍ବୃତ୍ତ ବନ୍ଧୁକରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ପରେ ଜୀବନ ବିକଳରେ ଦେବେନ୍ଦ୍ର ଦୌଡି ପାଖ ଜଙ୍ଗଲକୁ ଚାଲିଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କ ବାଇକ୍ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଦେବେନ୍ଦ୍ର ରେଙ୍ଗାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଅଗ୍ନିକାଣ୍ଡରୁ ବର୍ତ୍ତିଲା କୁଟୁରାପଡ଼ା ଗ୍ରାମ

**ସମ୍ବଲପୁର,୩୧।୩(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଚାଆଁରପୁର କୁଟୁରାପଡା ଗ୍ରାମ ନିକଟ ପାଳଗଦାରେ ବୁଧବାର କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଖବର ଦେବା ସହ ନିଜେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଅଗ୍ନିଶମ ବିଭାଗର ୨ ଗାଡ଼ି ସହ ୧୫ ଜଣ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ପ୍ରାୟ ଅଧଘଣ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା। ଠିକ୍ ସମୟରେ ପଦକ୍ଷେପ ନେବା ଯୋଗୁ କୁଟୁରାପଡା ଗ୍ରାମ ବର୍ତ୍ତିଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ୧୦ ଏକର ଜମିର ପାଳଗଦା ପୋଡି ପାଉଁଶ ହୋଇଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ବୃଦ୍ଧାଙ୍କ ମୃତଦେହ ଜବତ

**ସମ୍ବଲପୁର,୩୧।୩(ବ୍ୟୁରୋ):** ବୁର୍ଲା ଥାନା ବଡସିଂହାରୀ ଗ୍ରାମ ନିକଟ ପାୱାର ଚ୍ୟାନେଲରୁ ବୁଧବାର ଜଣେ ବୃଦ୍ଧାଙ୍କ ମୃତଦେହ ଜବତ ହୋଇଛି। ବୁର୍ଲା ଅଗ୍ନିଶମ ବିଭାଗର ଏକ ଟିମ୍ ମୃତଦେହକୁ ପୋଲିସ ଜିମା ଦେଇଛି। ମୃତା ମହିଳାଙ୍କ ପରିଚୟ ମିଳିପାରିନାହିଁ। ଭିମ୍ସାରରେ ମୃତଦେହ ରଖାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୂର୍ବାହ୍ନରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କିର୍ମିରା, ୩୧।୩(ଡି.ଏନ.ଏ.):** କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ସାରସମାଲ କହରପଡା ପ୍ରାଥମିକ ବିଦ୍ୟାଳୟର ସହଶିକ୍ଷୟିତ୍ରୀ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ମୀରା ନାଏକଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ କିର୍ମିରା ବ୍ଲକ ଶିକ୍ଷା ଅଧିକାରୀ କୁବେର ଚୌଧୁରୀ, ଅତିରିକ୍ତ ଶିକ୍ଷା ଅଧିକାରୀ ଗୁଣନିଧି ପଟେଲ ଓ ରବୀନ୍ଦ୍ର କୁମାର ସିଂ, ଅର୍ଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ଚୂଡାମଣି ସାହୁ, ସ୍କୁଲ ଚେୟାରମ୍ୟାନ ମିଶ୍ର ପିଙ୍ଗ, ଅର୍ଡା ସିଆର୍‌ସିସି କ୍ଷୀରୋଦ କୁମାର ପୋଢ଼, କିର୍ମିରା ବ୍ଲକ ଶିକ୍ଷକ ସଂଘ ସଭାପତି ଶଶିକାନ୍ତ ନାଏକ, ଏସ୍ଏମ୍‌ସି ସଦସ୍ୟ ଛବିଲ ପିଙ୍ଗ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ କରାଲି ବିଦାୟୀ ସହଶିକ୍ଷୟିତ୍ରୀ ନାଏକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସହଶିକ୍ଷୟିତ୍ରୀ ସରିତା ପଟେଲ, ରିମ୍ପି ନାଏକ, ସାମାଜିକ କର୍ମୀ କେଶନ ନାଏକ ଉପସ୍ଥିତ ଥିଲେ।

# ଭିସୁଟ୍‌ରେ ର୍‍ୟାଗିଂ ଅଭିଯୋଗ: ଶୃଙ୍ଖଳା କମିଟିର ତଦନ୍ତ

**ସମ୍ବଲପୁର, ୩୧।୩ (ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପୁଣି ଚର୍ଚ୍ଚାକୁ ଆସିଛି। ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ଚତୁର୍ଥ ବର୍ଷ ଛାତ୍ରମାନେ ର୍‍ୟାଗିଂ କରିଥିବା ଅଭିଯୋଗ ହୋଇଛି। ଆଣ୍ଟି ର୍‍ୟାଗିଂ ସେଲ୍‌ରେ ଅଭିଯୋଗ ପରେ ଶୃଙ୍ଖଳା କମିଟି ବୈଠକ କରି ତଦନ୍ତ ଆରମ୍ଭ କରିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ତଦନ୍ତ ଶେଷ ହୋଇଥିଲେ ମଧ୍ୟ ରିପୋର୍ଟ ପ୍ରଦାନ କରାଯାଇ ନାହିଁ। ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାୟିତ୍ୱରେ ଥିବା କୁଳପତି ପ୍ରଫେସର ବି.ବି. ପତି କହିଛନ୍ତି। ଅଭିଯୋଗ କ୍ରମେ ୨୮ ତାରିଖ ଭୋର ୪ଟା ସମୟରେ ଚତୁର୍ଥ ବର୍ଷର କେତେଜଣ ଛାତ୍ର ଦ୍ୱିତୀୟ ବର୍ଷ ଛାତ୍ର ରହୁଥିବା କୋଠରୀକୁ ଯାଇଥିଲେ। କୋଠରୀ ଭିତରେ ଛାତ୍ରମାନଙ୍କୁ ସେମାନେ ମାରପିଟ କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ନିଶାଦ୍ରବ୍ୟ (ଗଞ୍ଜେଇ, ଧୂଆଁ) ମୁହଁ ଉପରେ ଫୁଙ୍କିଥିଲେ। ପୂର୍ବରୁ ୨୦୨୦ ଫେବୃୟାରୀରେ ଦୁଇଜଣ ଛାତ୍ରଙ୍କୁ କ୍ୟାମ୍ପସ ଭିତରେ ମାରପିଟ କରାଯାଇଥିବାବେଳେ ୨୦୧୯ ଅଗଷ୍ଟରେ କନିଷ୍ଠ ଛାତ୍ରଙ୍କୁ ଉଲଗ୍ନ କରି ନଚାଇବା ଭଳି ର୍‍ୟାଗିଂ ଅଭିଯୋଗ ହୋଇଥିଲା।

# ସିନିୟର ଆନ୍ତଃକ୍ଲବ୍ କ୍ରିକେଟ୍:ପ୍ରୋଗ୍ରେସିଭ୍ କ୍ରିକେଟ ଆସୋସିଏଶନ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

**ଝାରସୁଗୁଡ଼ା ଅଫିସ,୩୧।୩**

ଜିଲା କ୍ରିକେଟ୍ ଆସୋସିଏଶନ ତରଫରୁ ସିନିୟର ବାଳକ ଆନ୍ତଃକ୍ଲବ୍ କ୍ରିକେଟ୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରୋଗ୍ରେସିଭ୍ କ୍ରିକେଟ୍ ଆସୋସିଏଶନ ଓ ବ୍ଲାକ୍ ଡାଇମଣ୍ଡ କ୍ରିକେଟ୍ କ୍ଲବ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ପ୍ରୋଗ୍ରେସିଭ୍ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଉଇକେଟ୍ ହରାଇ ୪୬.୩ଓଭରରେ ୨୨୭ରନ୍ କରିଥିଲା। ବ୍ଲାକ୍ ଡାଇମଣ୍ଡ ଟିମ୍ ୧୦ ଉଇକେଟ୍ ହରାଇ ୩୧.୨ଓଭରରେ ୧୪୩ରନ୍ କରିଥିଲା। ଫଳରେ ପ୍ରୋଗ୍ରେସିଭ୍ ଟିମ୍ ଚାମ୍ପିୟନ ହୋଇଥିଲା। ବିଜୟୀ ଦଳର କେ ପଲେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବେଷ୍ଟ ବ୍ୟାଟ୍ସମ୍ୟାନ୍ ରୋଶନ ପ୍ରସାଦ, ବେଷ୍ଟ ବୋଲର୍ ସଚ୍ଚିନ ଯାଦବ, ମ୍ୟାନ୍ ଅଫ୍ ଦି ସିରିଜ୍ ରାଜକିଷାନ ପଟେଲ ପ୍ରମୁଖ ମନୋନୀତ ହୋଇଥିଲେ। ଅନିରୁଦ୍ଧ କେଓଟ, ଯସବିନ୍ଦର ସିଂହ ଓ ଅମିତ ସିଂହ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଓ ଏସ୍‌ପି ବିକାଶ ଚନ୍ଦ୍ର ଦାସ, ରାଜ୍ୟ କ୍ରିକେଟ୍ ଆସୋସିଏଶନ ସହସମ୍ପାଦକ ମେହେତାବ୍ ଖାନ୍, ଜିଲା କ୍ରୀଡା ସଂଘ ସମ୍ପାଦକ ତାପସରାୟ ଚୌଧୁରୀ, କାର୍ଯ୍ୟକାରୀ ସଭାପତି ବିଜୟ ବେହେରା, ଉପସଭାପତି ଜୀବନ ମହାନ୍ତି, ଜିଲା କ୍ରିକେଟ୍ ଆସୋସିଏଶନ ସଭାପତି ପ୍ରଜ୍ୱଳ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ୮ ଦିନ ଅନ୍ଧାରରେ ୧୦ ଗ୍ରାମ

**ସମ୍ବଲପୁର,୩୧।୩(ବ୍ୟୁରୋ)**

- ଚିଠି ଲେଖି ଚୁପ ବସିଛି ବିଦ୍ୟୁତ୍ ବିଭାଗ
- ରାସ୍ତାରୋକୋ ଚେତାବନୀ

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ୧୦ ଗ୍ରାମ ୮ଦିନ ହେଲା ଅନ୍ଧାରରେ ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶୀଘ୍ର ମରାମତି କରା ନ ଗଲେ ରାସ୍ତାରୋକୋ କରିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ବିଦ୍ୟୁତ୍ ବିଭାଗ ରେଲୱେକୁ ଅନୁମତି ପାଇଁ ଚିଠି ଲେଖି ଚୁପ ବସିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗ୍ରାମର ସମୀର ବାବୁ କହିଛନ୍ତି, ଉଭୟ ରେଲୱେ ଓ ବିଦ୍ୟୁତ୍ ବିଭାଗ ଗ୍ରାମବାସୀଙ୍କ ସହ ଖେଳ ଖେଳୁଛନ୍ତି। ମାର୍ଚ୍ଚ ୨୪ରେ ରେଲୱେ ଲାଇନ ଅଣ୍ଡରପାସ ଦେଇ ଯାଇଥିବା ବିଦ୍ୟୁତ୍ ତାର ପୋଡି ଯାଇଥିଲା। ସେବେଠାରୁ କୁମକା, ଧଦଲୋମୁଣ୍ଡା, ଅଷାଢୁପଡା, ସାଧୁପଡା, ବ୍ରାହ୍ମଣପାଲି, ଚାରମାଲିଆପଡା, କଲିଆପାଲି, ଜରାମୁଣ୍ଡା, ଗଉରଗୋଠ ପ୍ରଭୃତି ଗ୍ରାମ ଅନ୍ଧାରରେ ରହିଛି। ଖରାଦିନରେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଅନ୍ୟପଟେ ସନ୍ଧ୍ୟା ଆସିଲେ ହାତୀପଲ ଓ ବନ୍ୟପ୍ରାଣୀଙ୍କ ଭୟ ରହୁଛି। ବିଦ୍ୟୁତ୍ ବିଭାଗ କେବଳ ଚିଠି ଲେଖିଦେଇ ନିଜ ମୁଣ୍ଡରୁ ଦୋଷକୁ ରେଲୱେ ବିଭାଗ ଉପରେ ଲଦି ଦେଉଛି। ରେଲୱେକୁ ଅଭିଯୋଗ କରିବାକୁ ଗଲେ ସେଠାରେ ଅଧିକାରୀମାନେ ନିୟମର ପାଠ ପଢାଉଛନ୍ତି। ଚିଠି ଲେଖିବେ, ଘଟଣାସ୍ଥଳ ପରିଦର୍ଶନ କରିବେ, ବ୍ୟୟ ଅଟକଳ କରାଯିବ ଏଭଳି ବିଭିନ୍ନ ଆଳ କରୁଛନ୍ତି। ୨ଦିନ ଭିତରେ ବିଦ୍ୟୁତ୍ ସଂଯୋଗ କରା ନ ଗଲେ ରାସ୍ତାରୋକୋ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରେଢାଖୋଲ ଏସ୍‌ଡିଓ ଦୀପକ ରାଉତ କହିଛନ୍ତି, ବିଦ୍ୟୁତ୍ ବିଭାଗ ପକ୍ଷରୁ ରେଲୱେକୁ କାମ କରିବାକୁ ଅନୁମତି ମଗାଯାଇଥିଲା। ସେମାନେ ସିକ୍ୟୁରିଟି ବାବଦକୁ ୫ ଲକ୍ଷ ଟଙ୍କା ଜମା କରିବାକୁ କହିଛନ୍ତି। ଏହାକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଦୁଇଦିନ ଭିତରେ ବିଦ୍ୟୁତ୍ ସଂଯୋଗ ଦିଆଯିବାକୁ ଚେଷ୍ଟା କରାଯାଉଛି।

### ଅନ୍‌ଲାଇନ ପରୀକ୍ଷା ପାଇଁ ଜିଏମ୍‌ୟୁ କୁଳସଚିବଙ୍କୁ ଦାବିପତ୍ର

**ସମ୍ବଲପୁର, ୩୧।୩ (ବ୍ୟୁରୋ)**

କୋଭିଡ୍‌କୁ ଦୃଷ୍ଟିରେ ରଖି ଅଫଲାଇନ୍ ବଦଳରେ ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା କରିବାକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏ ନେଇ ସେମାନେ କୁଳସଚିବ ଗିରିଶ ଚନ୍ଦ୍ର ସିଂଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କୁଳପତି ପ୍ରଫେସର ଏନ୍ ନାଗାରାଜୁ ଆସିଲେ ନିଷ୍ପତ୍ତି ନିଆଯିବ ବୋଲି କୁଳସଚିବ ଛାତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଛନ୍ଦାଚରଣ ଦଳପତ, ଚୁମ୍ବନ ପ୍ରଧାନ, ଅନୁପମା ସେଠ, ଯଶ ତିୱାରୀ, ଅଭିଳାଷ ମେହେର, ସିଦ୍ଧାନ୍ତ ପୂଜାରୀ, ସୁବ୍ରତ ଶତପଥି ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

### ସ୍ୱାଧୀନତା ସ୍ମୃତି ଭବନରେ କ୍ରାନ୍ତି ଦିବସ

**ସମ୍ବଲପୁର, ୩୧।୩ (ବ୍ୟୁରୋ)**

ଆଦିବାସୀ ଦଳିତ ସେନା ପକ୍ଷରୁ ୧୯ତମ କ୍ରାନ୍ତୀ ଦିବସ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଶାନ୍ତ ହାଓଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଆଦିବାସୀ ଓ ଦଳିତମାନେ ଏକଜୁଟ ହୋଇ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସମୟ ଆସିଛି ବୋଲି ସଭାରେ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା, ଜିଲା ଉପସଭାପତି ପ୍ରିତି ପ୍ରଧାନ, ସଭ୍ୟ କପିଳେନ୍ଦ୍ର ସାହୁ, ଜୟକୃଷ୍ଣ ଓରାମ ବକ୍ତବ୍ୟ ରଖିଥିଲେ।

# ପାନୀୟଜଳ ସମସ୍ୟା: ବିଡିଓଙ୍କୁ ଫେରାଦ



ବିଡିଓଙ୍କୁ ଫେରାଦ ହେବାକୁ ଆସିଥିବା ମହିଳାପୁରୁଷ।

**ନାକଟିଦେଉଳ,୩୧।୩(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ ପାଣିଗ୍ରାହୀପାଲି ଗ୍ରାମ ନୂଆସାହିରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ଗ୍ରାମର ମହିଳାପୁରୁଷ ବୁଧବାର ବିଡ଼ିଓ ବିବେକାନନ୍ଦ ସାହୁଙ୍କୁ ଭେଟି ଫେରାଦ ହୋଇଛନ୍ତି। ସେମାନେ ଏକ ଦାବିପତ୍ର ଦେବା ସହ ତୁରନ୍ତ ପାନୀୟ ଜଳ ସମସ୍ୟା ଦୂର କରିବାକୁ ଦାବି କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ହୋଇଛି, ନୂଆସାହିରେ ପ୍ରାୟ ୨୫ ପରିବାରର ୧୨୦ରୁ ଅଧିକ ଲୋକ ବାସ କରନ୍ତି। ସାହିରେ ଗୋଟିଏ ମାତ୍ର ନଳକୂପ ଉପରେ ସମସ୍ତେ ନିର୍ଭର କରୁଛନ୍ତି। ତେବେ ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାରୁ ଜଳସ୍ତର ମଧ୍ୟ ହ୍ରାସ ପାଇଛି। ଫଳରେ ନଳକୂପରୁ ଆବଶ୍ୟକ ପରିମାଣ ପାଣି ବାହାରୁ ନାହିଁ। ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ ବୋଲି ବିଡ଼ିଓ ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

# ସମ୍ବଲପୁରୀ ସହ କୌଣସି ଶବ୍ଦ ଯୋଡ଼ା ନ ଯାଉ

**ସମ୍ବଲପୁର, ୩୧।୩ (ବ୍ୟୁରୋ)**

ସମ୍ବଲପୁରୀ ଭାଷା ସହିତ ଅନ୍ୟ କୌଣସି ଶବ୍ଦ ଯୋଡା ନ ଯାଉ। ଏଭଳି ଦାବି ନେଇ ବୁଧବାର ବିଭିନ୍ନ ସଂଗଠନର କର୍ମକର୍ତ୍ତା ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୀତ ମିଉଲଙ୍କୁ ଭେଟିଥିଲେ। ହୀରାଖଣ୍ଡ ସାମ୍ମୁଖ୍ୟ ଆହ୍ୱାନ କ୍ରମେ କଚେରୀ ଛକସ୍ଥିତ ଶହୀଦ ସ୍ତମ୍ଭ ନିକଟରେ ପ୍ରାୟ ୩ଟି ସଂଗଠନର କର୍ମକର୍ତ୍ତା ଏକାଠି ହୋଇଥିଲେ। ସେଠାରୁ ଏକ ବାଇକ୍ ରାଲିରେ ବାହାରି ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲେ। ପ୍ରଫୁଲ୍ଲ ହୋତା, ସରୋଜ ଦାଶ, ପରେଶ ଚନ୍ଦ୍ର ଦାନି, ଅଶୋକ ମିଶ୍ର, କମଳଲୋଚନ ପଣ୍ଡା, ଦୀପକ କୁମାର ପଣ୍ଡା, ସୁରେଖା ସାହୁ, ପଙ୍କଜିନୀ ମେହେର, ପ୍ରଜ୍ଞା ପଟ୍ଟନାୟକ, କଳ୍ପନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଶହୀଦ ସ୍ତମ୍ଭନିକଟରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

# ଅଗ୍ନିକାଣ୍ଡରୁ ବର୍ତ୍ତିଲା କୋଇଲା ଖଣି କାର୍ଯ୍ୟାଳୟ

**ଝାରସୁଗୁଡ଼ା ଅଫିସ୍,୩୧।୩**

ବୁଧବାର ଦିନ ଦ୍ୱିପ୍ରହରରେ ବେଲପାହାଡ ଖୋଲାମୁହଁ କୋଇଲାଖଣି ପ୍ରକଳ୍ପ କାର୍ଯ୍ୟାଳୟ ପଛପଟ ଜଙ୍ଗଲରେ ନିଆଁ ଲାଗିଥିଲା। ଏହା କ୍ରମଶଃ ବ୍ୟାପି ପ୍ରକଳ୍ପ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା । ଏହା ଜଣାପଡିବା ପରେ କାର୍ଯ୍ୟାଳୟ ପରିସରରେ ଥିବା ଯାନଗୁଡ଼ିକୁ ବାହାର କରିଦିଆଯାଇଥିଲା। ପ୍ରକଳ୍ପ ଅଧିକାରୀ ସତ୍ୟ ଭୂଷଣ ବାରିକ ଫୋନ୍ କରିବାରୁ ଏମ୍‌ସିଏଲ୍ ଓ ଓପିଜିସିର ଅଗ୍ନିଶମ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଖଣି କାର୍ଯ୍ୟାଳୟ ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଛି।

# ଡିଅର ପାର୍କରେ ମାଈ ଭାଲୁର ମୃତ୍ୟୁ

**ସମ୍ବଲପୁର,୩୧।୩ (ବ୍ୟୁରୋ)**

ସମ୍ବଲପୁର ଡିଅର ପାର୍କରେ ବୁଧବାର ମାଈ ଭାଲୁ ଏଲିଜାର ମୃତ୍ୟୁ ଘଟିଛି। ଭାଲୁର ୧୬ ବର୍ଷ ହୋଇଥିଲା। ଦୀର୍ଘଦିନ ହେଲା ଭାଲୁ ରୋଗରେ ପୀଡିତ ଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପୋତି ଦିଆଯାଇଛି ବୋଲି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀଙ୍କ ପରଲୋକ

**ସମ୍ବଲପୁର, ୩୧।୩ (ବ୍ୟୁରୋ)**

ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ମହାପାତ୍ରଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ବୁର୍ଲା ଇଞ୍ଜିନିୟରିଂ କଲେଜରୁ କୃତକାର୍ଯ୍ୟ ହେବାପରେ ସେ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ୧୯୯୬ରେ ମୁଖ୍ୟଯନ୍ତ୍ରୀ ଭାବେ ଅବସର ଗ୍ରହଣ କରିଥିଲେ।

# ୨ ପୂର୍ବତନ ପୌରାଧ୍ୟକ୍ଷଙ୍କୁ ଭିଜିଲାନ୍ସ ଜେରା

**ଝାରସୁଗୁଡ଼ା ଅଫିସ,୩୧।୩**

ବେଲପାହାଡ ପୌର ପରିଷଦ ଏଲ୍ଇଡି ଲାଇଟ୍ କିଣା ଦୁର୍ନୀତିକୁ ନେଇ ଭିଜିଲାନ୍ସ ବିଭାଗ ତରଫରୁ ୨୦୧୫ରେ ଏକ ମାମଲା ରୁଜୁ ହୋଇଥିଲା। ପରେ ବିଭାଗ ତରଫରୁ ତଦନ୍ତ ଆରମ୍ଭ ହୋଇଥିଲା। ଦୀର୍ଘ ୬ ବର୍ଷ ପରେ ଏବେ ଭିଜିଲାନ୍ସ ବିଭାଗ ଏହି ମାମଲାକୁ ନେଇ ତତ୍ପରତା ପ୍ରକାଶ କରି ପୁନର୍ବାର ତଦନ୍ତ ଆରମ୍ଭ କରିଛି। ଗତ ବୁଧବାର ଝାରସୁଗୁଡ଼ା ଭିଜିଲାନ୍ସ ଇନ୍‌ସପେକ୍ଟର ପ୍ରଦୀପ କୁମାର ଆଇନ୍ଦ ମାମଲାରେ ସମ୍ପୃକ୍ତ ଥିବା ପୌର ପରିଷଦର କିରାଣି ଅଶୋକ ସାହୁଙ୍କ ସମେତ ୩ଜଣ ଲାଇନ୍‌ମ୍ୟାନଙ୍କୁ ଜେରାକରି ତଥ୍ୟ ରେକର୍ଡ କରିଥିଲେ। ଭିଜିଲାନ୍ସ ପକ୍ଷରୁ ୨ ପୂର୍ବତନ ପୌରାଧ୍ୟକ୍ଷ ଓ ପୂର୍ବତନ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହାଜର ପାଇଁ ନୋଟିସ୍ ଜାରି ହୋଇଥିଲା। ଏହା ବଳରେ ମଙ୍ଗଳବାର ୨ ପୂର୍ବତନ ପୌରାଧ୍ୟକ୍ଷ ରଶ୍ମିରେଖା ମିଶ୍ର ଓ ପର୍ଶୁରାମ ସାହୁ ଭିଜିଲାନ୍ସ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ଭିଜିଲାନ୍ସ ତରଫରୁ ଏମାନଙ୍କୁ ଜେରା କରାଯାଇ ତଥ୍ୟ ରେକର୍ଡ କରାଯାଇଥିବା ତଦନ୍ତକାରୀ ଇନ୍‌ସପେକ୍ଟର ଆଇନ୍ଦ କହିଛନ୍ତି। ଏହାପରେ ୨ଜଣ ପୂର୍ବତନ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ ଜେନା ଓ ସଚ୍ଚିଦାନନ୍ଦ ଶତପଥୀଙ୍କୁ ଜେରା କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ପୌରାଞ୍ଚଳ ଆଲୋକୀକରଣ ପାଇଁ ପୌର ପରିଷଦ ତରଫରୁ ବିନା ଟେଣ୍ଡରରେ ପର୍ଯ୍ୟାୟକ୍ରମେ ୪୩୨ ଏଲ୍ଇଡି ଲାଇଟ୍ କିଣା ହୋଇଥିଲା। ସେ ସମୟରେ ଏହି ଗୋଟିଏ ଲାଇଟ୍‌ର ରିଟେଲିଂ ପ୍ରାଇସ୍ ୧୦ହଜାର ୪୦୪ଟଙ୍କା ରହିଥିଲା। ଏହାର ୪ଗୁଣା ବ୍ୟୟରେ ଗୋଟିଏ ଲାଇଟ୍‌କୁ ୪୪ହଜାର ୧୫୧ଟଙ୍କା ୫୦ପଇସାରେ କିଣାଯାଇଥିଲା। ଏହା ଜଣାପଡିବା ପରେ ଭିଜିଲାନ୍ସ ବିଭାଗ ନିକଟରେ ତଦନ୍ତ ପାଇଁ ଦାବି ହୋଇଥିଲା।




ବେଲପାହାଡ ପୌର ପରିଷଦ କାର୍ଯ୍ୟାଳୟ।

**ବେଲପାହାଡ଼ ପୌର ପରିଷଦ ଏଲ୍ଇଡି ଲାଇଟ୍ କିଣା ଦୁର୍ନୀତି**

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧ ଏପ୍ରିଲ, ୨୦୨୧



## ବିବାହିତା ମହିଳାଙ୍କ ଆତ୍ମହତ୍ୟା

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବଡଡୁଙ୍ଗୁରୀପାଲିରେ ବୁଧବାର ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ହେଲେ ଗାଁର ସୁଶାନ୍ତ ମେହେରଙ୍କ ସ୍ତ୍ରୀ ରଶ୍ମିତା (୩୨)। ବୁଧବାର ସକାଳେ ଘର ପଙ୍ଖାରେ ବେକରେ ଶାଢୀ ଲଗାଇ ଝୁଲୁଥିବା ଘର ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ । ଦେଓଗାଁ ଥାନାଧିକାରୀ ରଞ୍ଜନ କୁମାର ବରିହା ଓ ବଲାଙ୍ଗୀର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ୨୦୧୪ମସିହାରେ ସୁଶାନ୍ତ ଚୁଡାପାଲିର ବଟକୃଷ୍ଣ ମେହେରଙ୍କ ଝିଅ ରଶ୍ମିତାକୁ ବିବାହ କରିଥିଲେ । ଏବେ ତାଙ୍କର ଗୋଟିଏ ଛଅ ବର୍ଷର ପୁଅ ରହିଛି । ଖବର ପାଇ ରଶ୍ମିତାଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ଝିଅର ହଠାତ ଏଭଳି ପଦକ୍ଷେପକୁ ସହଜରେ ଗ୍ରହଣ କରିପାରି ନାହାନ୍ତି।

**ସଂକ୍ଷେପରେ**

### ଟ୍ରେନ୍‌ରୁ ଖସି ପଡ଼ି ଯାତ୍ରୀ ମୃତ

କଣ୍ଟାବାଞ୍ଜି, ୩୧।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଷ୍ଟେଶନର ଅନତି ଦୂର ଘନାମହୁଲ ଗ୍ରାମ ନିକଟରେ ବୁଧବାର ଚଳନ୍ତା ଟ୍ରେନରୁ ଖସିପଡି ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅରକ୍ଷିତ ସ୍ୱାଇଁ(୫୫)। ତାଙ୍କ ଘର ଭଞ୍ଜନଗର ଥାନା ଅନ୍ତର୍ଗତ କେବ୍ରି ଗାଁରେ। କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଜିଆରପି ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଜିଆରପି ସୂତ୍ରରୁ ପ୍ରକାଶ ଯେ ସୁରଟ-ପୁରୀ ଟ୍ରେନ ଯୋଗେ ଅରକ୍ଷିତ ସ୍ତ୍ରୀ ପ୍ରମିଳାଙ୍କ ସହ ସୁରଟରୁ ନିଜ ଗ୍ରାମ ଭଞ୍ଜନଗର ଫେରୁଥିଲେ। କଣ୍ଟାବାଞ୍ଜି ଷ୍ଟେଶନ ନିକଟ ଘନାମହୁଲ ନିକଟରେ ପରିସ୍ରା କରିବାରୁ ଉଠି ବାଥରୁମ ଯାଉଥିବା ବେଳେ ଅରକ୍ଷିତ ଟ୍ରେନରୁ ଖସି ପଡିଥିଲେ। ଏହି ସମୟରେ ଟ୍ରେନ ବଗିରେ ପଇଁତରା ମାରୁଥିବା ଆରପିଏଫର ଏସଟିଏଫ ଟିମ ତୁରନ୍ତ ଟ୍ରେନ ଅଟକାଇ ଜିଆରପି ଖବର ଦେଇଥିଲେ। ଜିଆରପି ଧାରଣାରୁ ମୃତଦେହ ଉଦ୍ଧାର କରିଥିଲେ। ଚାରି ଝିଅଙ୍କୁ ଘରେ ଛାଡି ସ୍ତ୍ରୀଙ୍କ ସହ ଅରକ୍ଷିତ ଚାରିମାସ ତଳେ ସୁରଟର ସୂତାକଲକୁ କାମ କରିବାକୁ ଯାଇଥିଲେ। ହେଲେ ସେଠାରେ କରୋନାର ଭୟାବହ ସ୍ଥିତି ଦେଖି ଫେରିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି।

### ଆଞ୍ଚଳିକ ସାହିତ୍ୟ ପରିଷଦ ଗଠିତ

ଜାମଟିକ୍ରା, ୩୧।୩ (ଡି.ଏନ.ଏ.): ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ରେଙ୍ଗାଲି କ୍ୟାମ୍ପଠାରେ ଅତାବିରା ଅଞ୍ଚଳରେ ଥିବା ସାହିତ୍ୟପ୍ରେମୀଙ୍କୁ ନେଇ ଆଞ୍ଚଳିକ ସାହିତ୍ୟ ପରିଷଦ ଗଠିତ ହୋଇଛି। ଏଥିରେ ସର୍ବସମ୍ମତିକ୍ରମେ ଦଶରଥ ଭୋଇ ସଭାପତି, ସୁରେନ୍ଦ୍ର କଠାର ସମ୍ପାଦକ, ଦୁର୍ଲ୍ଲଭ ଗଡତିଆ କୋଷାଧକ୍ଷ ମନୋନୀତ ହୋଇଥିଲେ। ସୁବାଷ ପଧାନ, କେତନ ରଣା, ମନରଞ୍ଜନ ଲୁହା ପ୍ରମୁଖ ସଭ୍ୟ ଅଛନ୍ତି। ଆସନ୍ତା ଏପ୍ରିଲ ମାସ ୪ ତାରିଖ ରବିବାର ପ୍ରଥମ କରି ଅତାବିରା ଏନଏସି ଅନ୍ତର୍ଗତ କାଣ୍ଡପାଲି ଗ୍ରାମରେ ଉକ୍ତ ସାହିତ୍ୟ ପରିଷଦ ତରଫରୁ ଏକ କବିତା ଆସାର କରିବାର ସ୍ଥିର କରାଯାଇଛି ।

### ସୁବର୍ଣ୍ଣପୁର ଜିଲା କୃଷକ ସଙ୍ଗଠନ ପୁନର୍ଗଠିତ

ସୋନପୁର,୩୧।୩(ନି.ପ୍ର.): ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନ ପୁନର୍ଗଠିତ ହୋଇଛି। ସଂଗଠନକୁ କ୍ରିୟାଶୀଳ କରିବା ସହ ଅଧିକ ସଂଖ୍ୟକ ଚାଷୀଙ୍କୁ ସାମିଲ କରିବା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ବୈକୁଣ୍ଠ ଶତପଥୀ, ଉପ ସଭାପତି ଧରଣୀଧର ପାଢ଼ୀ, ସମ୍ପାଦକ ହିମାଂଶୁ ଶେଖର ଭୋଇ, ସହ ସମ୍ପାଦକ ନରୋତ୍ତମ ପଧାନ ଓ କୋଷାଧକ୍ଷ ଭାବେ ପଦ୍ମଲୋଚନ ମିଶ୍ର ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ସଦସ୍ୟ ଭାବେ ରାଜେନ୍ଦ୍ର ପ୍ରଧାନ, ସତ୍ୟନାରାୟଣ ପଧାନ, ବୃନ୍ଦାବନ ପଧାନ ଏବଂ କାର୍ଯ୍ୟକାରୀ ସଭ୍ୟ ଭାବେ ବୀରେନ୍ଦ୍ର ଆଚାର୍ଯ୍ୟ, ସୁଧୀର ବଘାର, ସଦାନନ୍ଦ ପାଣିଗ୍ରାହୀ, ଆର୍ତ୍ତତ୍ରାଣ ପାଣ୍ଡିଆ, ଗୁପ୍ତେଶ୍ୱର ମଲ୍ଲିକ, ନରସିଂହ ପଧାନ, ସୁରେନ୍ଦ୍ର ପର୍ଡିଆ, ଆଶିଷ ମଲ୍ଲିକ, ଗୋପାଳ ଚନ୍ଦ୍ର ଦାଶ, ସୁଧାଂଶୁ ଶେଖର କର୍ମୀ, ଧର୍ମେନ୍ଦ୍ର ମେହେର ଓ ସନ୍ତୋଷ ପଧାନଙ୍କୁ ନିଆଯାଇଛି।

### ଶିଶୁ ଅଧିକାର ନେଇ ସଚେତନତା ସଭା

ଟିଟିଲାଗଡ଼, ୩୧।୩ (ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ସମିଆପଡା ଅଙ୍ଗନବାଡି କେନ୍ଦ୍ର ପରିସରରେ ଆଧାର ଚାଇଲ୍ଡ ଲାଇନ ବଲାଙ୍ଗୀର ପକ୍ଷରୁ ନିରୁଦ୍ଦିଷ୍ଟ ଶିଶୁ, ବାଲ୍ୟବିବାହ, ଶିଶୁ ଶ୍ରମିକ, ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଆବଶ୍ୟକତା କରୁଥିବା ଶିଶୁ, ନିର୍ଯାତନା ତଥା ଯୌନ ଶୋଷଣର ଶିକାର, ଦାଦନ ଖଟିବାକୁ ଯାଉଥିବା, ନିଶା ଗ୍ରହଣ କରୁଥିବା ଶିଶୁଙ୍କୁ ସହାୟତା ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଶିଶୁଙ୍କ ଅଧିକାର ତଥା ସେବା ଯୋଗାଇବା ନେଇ ୧୦୯୮ ଟୋଲ ଫ୍ରି ନମ୍ବର କିଭଳି ୨୪ ଘଣ୍ଟିଆ ସେବା ପ୍ରଦାନ କରିଥାଏ ସେ ନେଇ ଶିବିରରେ ଲୋକଙ୍କୁ ସଚେତନ କରାଯାଇଥିଲା। ସଭାରେ ବଲାଙ୍ଗୀର ଆଧାର ଚାଇଲ୍ଡ ଲାଇନ ସଦସ୍ୟ ଶିବାନନ୍ଦ ବେହେରା, ଅଙ୍ଗନବାଡି ସୁପରଭାଇଜର ଚଞ୍ଚଳା ମାଝୀ, ତଥା ଅଞ୍ଚଳର ୨୦ ଗୋଟି ଅଙ୍ଗନବାଡି କେନ୍ଦ୍ର କର୍ମୀ, ପାଚିକା, ଏଏନଏମ, ଶିକ୍ଷକ ତଥା ସ୍ଥାନୀୟ ମହିଳା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ।

# ଆୟୁଷ ଡାକ୍ତରଙ୍କୁ ମିଳିନି ପ୍ରୋତ୍ସାହନ ରାଶି

ବରଗଡ଼ ଅଫିସ୍,୩୧।୩



ସିଡ଼ିଏମଓଙ୍କୁ ଫେରାଦ ହୋଇଥିବା ଆୟୁଷ ଡାକ୍ତରମାନେ ।

- କରୋନା କାଳରେ କାର୍ଯ୍ୟ କରିଥିଲେ
- ଦୈନିକ ପ୍ରୋତ୍ସାହନ ରାଶି ୭୫୦ଟଙ୍କା
- ସିଡିଏମ୍‌ଓଙ୍କୁ ଫେରାଦ ହେଲା ସଂଘ

କରୋନା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ କାର୍ଯ୍ୟ କରି ଆସିଥିବା ବରଗଡ଼ ଜିଲାର ଆୟୁଷ ଡାକ୍ତରଙ୍କୁ ସରକାରଙ୍କ ଘୋଷିତ ପ୍ରୋତ୍ସାହନ ରାଶି ମିଳିନାହିଁ। ଏହାକୁ ନେଇ ସମ୍ପୃକ୍ତ ଡାକ୍ତରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ଜିଲାରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡ଼ିଏମଓ)ଙ୍କୁ ଫେରାଦ ହୋଇଥିଲେ। ସିଡ଼ିଏମଓ ଡା. ଅରୁଣ କୁମାର ପାତ୍ରଙ୍କୁ ଏକ ସ୍ମାରକପତ୍ର ଦେଇ ସେମାନଙ୍କ ପ୍ରାପ୍ୟ ପ୍ରୋତ୍ସାହନ ରାଶି ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଆୟୁଷ ଡାକ୍ତର ସଂଘ ପକ୍ଷରୁ ଦାବି ହୋଇଛି।

ଜାତୀୟସ୍ୱାସ୍ଥ୍ୟମିଶନରରାଷ୍ଟ୍ରୀୟବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସକେ)ରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ କୋଭିଡ୍‌-୧୯ ନିୟନ୍ତ୍ରଣରେ କାମ କରି ଆସୁଛନ୍ତି। ସଂକ୍ରମଣ ଆରମ୍ଭ ହେବା ପରଠାରୁ ପ୍ରଥମେ ଏହି ଡାକ୍ତରମାନଙ୍କୁ ବରଗଡ଼ ଜିଲାର ସମସ୍ତ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ତଥା ସଚେତନ କରିବାକୁ ସରକାରଙ୍କ ଆଦେଶନାମା ରହିଥିଲା। ପରେ ସମ୍ପୃକ୍ତ ଡାକ୍ତରମାନଙ୍କୁ ସଙ୍ଗରୋଧରେ ରହିଥିବା ବିଦେଶ ଫେରନ୍ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସେମାନଙ୍କ ତଥ୍ୟ ସଂଗ୍ରହ କରିବାରେ ନିୟୋଜିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜିଲାପାଳ, ସିଡ଼ିଏମଓ, ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କ ବିଭିନ୍ନ ଆଦେଶନାମା ଅନୁସାରେ ସଙ୍ଗରୋଧ କେନ୍ଦ୍ର କିମ୍ବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ପ୍ରବାସୀ ଓଡ଼ିଆଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, କୋଭିଡ୍‌-୧୯ ଲକ୍ଷଣ ଦେଖାଗଲେ ସେମାନଙ୍କୁ କେୟାର ସେଣ୍ଟରକୁ ପଠାଇବା, ରେଳ ଷ୍ଟେଶନରେ ପ୍ରବାସୀ ଓଡ଼ିଆ ତଥା ସଙ୍ଗରୋଧ କେନ୍ଦ୍ରକୁ ଆସୁଥିବା ପ୍ରବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଦାୟିତ୍ୱ ଆୟୁଷ ଡାକ୍ତରମାନଙ୍କୁ ଦିଆଯାଇଥିଲା। ସରକାରଙ୍କ ଘୋଷଣା ମୁତାବକ କୋଭିଡ୍‌-୧୯ ନିୟନ୍ତ୍ରଣରେ କାର୍ଯ୍ୟ କରିଥିବା ସମ୍ପୃକ୍ତ ଆୟୁଷ ଡାକ୍ତରଙ୍କୁ ଦୈନିକ ୭୫୦ ଟଙ୍କା ଲେଖାଏଁ ପ୍ରୋତ୍ସହନ ରାଶି ମିଳିବା କଥା। ମାତ୍ର ଉକ୍ତ କାର୍ଯ୍ୟରେ ନିୟୋଜିତ ୩୫ ଆୟୁଷ ଡାକ୍ତରଙ୍କୁ ତାହା ମିଳିନାହିଁ। ଆୟୁଷ ଡାକ୍ତର ସଂଘର ରାଜ୍ୟ ଉପସଭାପତି ଡା. ଲିଙ୍ଗରାଜ ଦାଶ, ରାଜ୍ୟ ସଂଯୋଜକ ଡା. ସୁଦୀପ୍ତ କୁମାର ସାହୁ, ଜିଲା ସଭାପତି ଡା. ସମୀର ମେହେରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆସି ସିଡ଼ିଏମଓଙ୍କୁସ୍ମାରକପତ୍ର ପ୍ରଦାନ କରିଥିଲେ।

# ବୌଦ୍ଧ ରାମଲୀଳା ଯାତ୍ରା ପ୍ରଭାବିତ ହେବା ଆଶଙ୍କା

ବୌଦ୍ଧ,୩୧।୩(ସ୍ୱ.ପ୍ର.)

**କରୋନା କଟକଣା**

କରୋନାର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉତ୍ସବ ପାଳନ ନେଇ କଟକଣା ଜାରି କରିଛନ୍ତି। ଫଳରେ ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରା ଚଳିତବର୍ଷ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଇଛି। କରୋନା ମହାମାରୀ ଯୋଗୁ ଗତବର୍ଷ ପ୍ରଥମଥର ପାଇଁ ବୌଦ୍ଧ ଗଡଜାତର ଏହି ଗଣପର୍ବ ବନ୍ଦ କରାଯାଇଥିଲା। କେବଳ ମନ୍ଦିରରେ ପୂଜାବିଧି କରାଯାଇ ରାମଲୀଳା ଯାତ୍ରାକୁ ସୀମିତ ରଖାଯାଇଥିଲା। ଚଳିତବର୍ଷ ଶ୍ରୀରାମ ନବମୀ ଆଉ ଅଳ୍ପ ଦିନ ଥିବା ବେଳେ ପୁଣି କଟକଣା ଭୟ ଶ୍ରଦ୍ଧାଳୁଙ୍କୁ ନିରାଶ କରିଛି। ଜିଲା ପ୍ରଶାସନ ପକ୍ଷରୁ ଉତ୍ସବ ପାଳନ ନେଇ କଟକଣା ଜାରି କରାଯାଇଛି। ସମସ୍ତ ଉତ୍ସବ ପାଇଁ ଉପଜିଲାପାଳଙ୍କ ନିକଟରୁ ଆଗୁଆ ଅନୁମତି ଆଣିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ତହସିଲଦାର,ବିଡିଓ ଓ ଏନଏସି ଇଓଙ୍କୁ କରୋନା କଟକଣାକୁ କାର୍ଯ୍ୟକାରୀ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଦଣ୍ଡଯାତ୍ରାରେ କେବଳ ପୂଜା ବିଧି ପାଳନ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଆଉ ଢୋଲ ମହୁରୀର ଶବ୍ଦ ଶୁଣାଯିବ ନାହିଁ କି ରାତି ତମାମ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ କରାଯିବନାହିଁ। ବିଭିନ୍ନ ଦଣ୍ଡ କମିଟି ପକ୍ଷରୁ ଦଣ୍ଡଯାତ୍ରା ପାଳନ ପାଇଁ ଅନୁମତି ପ୍ରଦାନ କରିବାକୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ରାମଲୀଳା ଯାତ୍ରା ପାଇଁ ମଧ୍ୟ ଅନୁରୂପ ଦାବି ହେଉଛି। ରାମଲୀଳା ଯାତ୍ରା ସହ ଜିଲାର ହଜାର ହଜାର ଶ୍ରଦ୍ଧାଳୁଙ୍କ ଧର୍ମ ଭାବନା ଯୋଡି ହୋଇଥିବାରୁ ପ୍ରଶାସନ ଏ ଦିଗରେ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଆଶା ପ୍ରକାଶ କରିଛନ୍ତି।

# ଶ୍ରେଣୀ କୋଠରି ଲାଗି ଶିଳାନ୍ୟାସ



ନୂତନ ଶ୍ରେଣୀ କୋଠରି ପାଇଁ ଅତିଥିମାନେ ଶିଳାନ୍ୟାସ କରୁଛନ୍ତି।

ଦେଓଗାଁ, ୩୧।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀଯୋର ଉନ୍ନିତ ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀ କୋଠରୀର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବଦତ୍ତ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ସମ୍ମାନୀତ ଅତିଥି ସରପଞ୍ଚ ସ୍ନେହଲତା ଶାନ୍ତ, ସମିତି ସଭ୍ୟା ବାସନ୍ତୀ ଭୁଏ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର ପ୍ରମୁଖ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଶିକ୍ଷକ ପ୍ରଦୀପ ଛତ୍ରିଆ, ବୀରେନ୍ଦ୍ର ସୁନା ଓ ସ୍କୁଲ ପରିଚାଳନା କମିଟିକର୍ମକର୍ତ୍ତାଉପସ୍ଥିତ ଥିଲେ।

# ଓସିଏ ଭିଜନ-୨୪ କ୍ରିକେଟ : ଏସଡିସିଏ(ସି), (ଇ) ବିଜୟୀ

ସୋନପୁର/ଉଲୁଣ୍ଡା,୩୧।୩
(ନି.ପ୍ର./ଡି.ଏନ.ଏ.)



ଉଲୁଣ୍ଡା କଲେଜ ପଡିଆରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ ।

ସୋନପୁର ଗାନ୍ଧୀ ପଡିଆ ଓ ଉଲୁଣ୍ଡା ପଞ୍ଚାୟତ ସମିତି କଲେଜ ପଡିଆରେ ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଓସିଏ ପ୍ରାୟୋଜିତ ଭିଜନ-୨୪ କ୍ରିକେଟ୍ ଲିଗ୍‌ର ବୁଧବାର ମ୍ୟାଚ୍‌ରେ ଏସଡିସିଏ(ସି) ଓ (ଇ) ବିଜୟୀ ହୋଇଛନ୍ତି। ଗାନ୍ଧୀ ପଡିଆରେ ଏସଡିସିଏ(ସି) ଓ ଏସଡିସିଏ(ଆଇ) ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏସଡିସିଏ(ସି) ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପ୍ରଶାନ୍ତ କୁମ୍ଭାରଙ୍କ ୧୦୫ ରନ, ଗଣେଶ ବାରିକଙ୍କ ୮୬ ରନ ଓ ବିକାଶ ମଲ୍ଲିକଙ୍କ ୪୫ ରନ ସହାୟତାରେ ଦଳ ୩୭୭ ରନ ସଂଗ୍ରହ କରିଥିଲା। ଆଇ ଦଳର ଲୋଚନ ବାଦୀ ୪ଟି, ମହମ୍ମଦ ଇବ୍ରାହିମ୍ ଖାନ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ୩୭୮ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଆଇ ଦଳର ବ୍ୟାଟ୍ସମ୍ୟାନମାନେ ସହଳ ୩ଟି ଉଇକେଟ ହରାଇଥିଲେ। ଭୀଷ୍ମ ହରିପାଲ ୩୧, ହିମାଂଶୁ ବଗର୍ତ୍ତି ୧୪ ଓ ହରେକୃଷ୍ଣ ବାରିକ ୧୪ ରନ ସଂଗ୍ରହ କରିଥିଲେ। ଦଳ ମାତ୍ର ୯୦ରନ କରି ସମସ୍ତ ଉଇକେଟ ହରାଇଥିଲା। ଏସଡିସିଏ(ସି) ଦଳର ରାଜା ନାଏକ ୩ଟି, ଆଶିଷ ମଲ୍ଲିକ ଓ ବି ଆକାଶ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ନବକୁମାର ସେଠୀ ଓ କ୍ଷେତ୍ରବାସୀ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ପଣ୍ଡା ଓ ସୁଶିଲ କୁମାର ପ୍ରଧାନ। ସ୍କୋରର ଥିଲେ ପାର୍ଥସାରଥି ଦାସ।

ଉଲୁଣ୍ଡା ପଡିଆରେ ଏସଡିସିଏ(ଏଚ) ଓ ଏସଡିସିଏ(ଇ) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏସଡିସିଏ(ଏଚ) ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦେବବ୍ରତ ପଣ୍ଡାଙ୍କ ୧୧୯ ରନ ଓ ପ୍ରସନ୍ନ କୁମାର ପୁରୋହିତଙ୍କ ୪୭ ରନ ଫଳରେ ଦଳ ୯ ଉଇକେଟ ହରାଇ ୨୯୯ ରନ ସଂଗ୍ରହ କରିଥିଲା। ଇ ଦଳର ବୋଲର ଯଦୁଲାଲ ନନ୍ଦ ୩ଟି, ନନ୍ଦି ଖୁରା ଓ ବିକ୍ରମ ଗୁନ୍ଦୁରିଆ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ୩୦୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ନନ୍ଦି ଖୁରାଙ୍କ ୧୧୫ ରନ, ଯଦୁଲାଲ ନନ୍ଦଙ୍କ ୮୨ ରନ ଓ ରାଜ କୁମାର ମେହେରଙ୍କ ୩୫ ରନ ସହାୟତାରେ ଇ ଦଳ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। ଏଚ ଦଳର ଆକାଶ ସେଠୀ ୨ଟି, ପ୍ରସନ୍ନ ପୁରୋହିତ, ଦେବଦତ୍ତ ବାଘ ଓ ସଞ୍ଜିବ ସେଠୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଖେଳ ପରିଚାଳନା କରିଥିଲେ ଗିରିଜା ଶଙ୍କର କଲତା ଓ ରଘୁବୀର ପାଣିଗ୍ରାହୀ। ସ୍କୋରର ଥିଲେ ଦିନେଶ ଘିବେଲା। ଉଲୁଣ୍ଡା ଥାନାର ଟଙ୍କଧର ଛତ୍ରିଆ ଓ ବିସିଏ ଉଲୁଣ୍ଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ଅତିଥିଭାବେ ଯୋଗଦେଇଥିଲେ। ଏସଡିସିଏ- ଇ ଦଳର ନନ୍ଦି ଖୁରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଉଦ୍ୟାନ ବିଭାଗ ସ୍ଥାନାନ୍ତରକୁ ବିରୋଧ

ଖଡିଆଳ, ୩୧।୩ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳଠାରେ ଥିବା ସହନିର୍ଦ୍ଦେଶକ ଉଦ୍ୟାନ ବିଭାଗକୁ ନୂଆପଡା ସ୍ଥାନାନ୍ତରକୁ ନେଇ ଖଡିଆଳବାସୀ ବିରୋଧ କରିବା ସହିତ ଜନଅସନ୍ତୋଷ ଦେଖାଯାଇଛି। ୧୯୬୦ରୁ ଏହି କାର୍ଯ୍ୟାଳୟ କଳାହାଣ୍ଡି ଥାଇ ଖଡିଆଳଠାରେ କାର୍ଯ୍ୟ କରି ଆସୁଛି। ନୂଆପଡା ଜିଲାପାଳ ସହ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଖଡିଆଳରେ ଦୁଇ ଦିନ ଏବଂ ଅନ୍ୟ ଦିନ ନୂଆପଡାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୌଗଳିକ ଦୃଷ୍ଟି କୋଣରୁ ନୂଆପଡା ଜିଲାରେ କେନ୍ଦ୍ରସ୍ଥଳି ହେଉଛି ଖଡିଆଳ। ଏଠାରେ ବିଭାଗୀୟ କାର୍ଯ୍ୟଳୟ ପରିଚାଳିତ ହେଲେ ହିତାଧିକାରୀମାନେ ସହଜ ଓ ସରଳରେ ସରକାରଙ୍କ ଯୋଜନାର ଲାଭ ପାଇପାରିବେ । ତେଣୁ ସହ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ କାର୍ଯ୍ୟଳୟକୁ ଜିଲା ସଦର ମହକୁମା ସ୍ଥାନାନ୍ତରିତ ହେଲେ ଏହି ଅଞ୍ଚଳର ଉଦ୍ୟାନ ଚାଷୀ ଓ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖିନ ହେବେ। ଏହି ନିଷ୍ପତ୍ତିକୁ ପୁର୍ନଃ ବିଚାର କରିବାକୁ ଖଡିଆଳ ନଗରବାସୀ ତଥା ସାମାଜିକ କର୍ମୀ ମନୋଜ ପଟ୍ଟନାୟକ, ଅଜିତ କୁମାର ଚାଳନ, ସୁନୀଲ କୁମାର ନାଗ ତଥା ବୁଦ୍ଧିଜୀବିମାନେ ଦାବି କରିଛନ୍ତି।

# ଶହୀଦଙ୍କ ସ୍ମୃତିରେ ପୁସ୍ତକ ଉନ୍ମୋଚନ



ପୁସ୍ତକ ଶହୀଦ ସ୍ମରଣେକୁ ଅତିଥିମାନେ ଉନ୍ମୋଚନ କରଛନ୍ତି ।

ବରଗଡ଼ ଅଫିସ୍,୩୧।୩

ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗ୍ରାମରେ ଶହୀଦ ରଞ୍ଜନ ଦାଶଙ୍କ ପଞ୍ଚମ ଶହୀଦ ବାର୍ଷିକୀ ପାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସିଆରପିଏଫ ସମ୍ବଲପୁରର ଡେପୁଟୀ କମାଣ୍ଡାଣ୍ଟ ଲାଲଚାନ୍ଦ ଯାଦବ ମୁଖ୍ୟଅତିଥି, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭଗବାନ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିବୃନ୍ଦ ଶହୀଦ ରଞ୍ଜନ ଦାଶଙ୍କ ସ୍ମୃତିରେ ରଚିତ ଏକ ପୁସ୍ତକ ଶହୀଦ ସ୍ମରଣେକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଏକ ସ୍ମୃତି ହୋଇଥିଲା। ସ୍ମୃତିସଭାରେ ଅଶୋକ କୁମାର ପୂଝାରୀ ମୁଖ୍ୟଅତିଥିଭାବେ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶହୀଦ ସ୍ମୃତି କମିଟିର ସଭାପତି ବିଦ୍ୟାଧର ଭୋଇ, ଶହୀଦ ରଞ୍ଜନ ଦାଶଙ୍କ ବଡ଼ଭାଇ ଉତ୍ତମ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ମୃତି କମିଟି ସମ୍ପାଦକ ରିଲୁ ଶତପଥୀ ବିବରଣୀ ପାଠ କରିଥିବାବେଳେ ଅଶୋକ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶହୀଦଙ୍କ ସ୍ମୃତିରେ ସ୍ମୃତି କମିଟି, ନିଷ୍ଠା ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ହୋଇଥିଲା ଏବଂ ଶିବିରରେ ୨୭ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସେହିପରି କୃତୀ ଛାତ୍ରୀଛାତ୍ର, ଅବସରପ୍ରାପ୍ତ ସୈନିକ, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର, ସଂକଳ୍ପ ପରିବାର ଏବଂ ଶହୀଦ ରଞ୍ଜନ ଦାଶଙ୍କ ଉପରେ ଏକ ଦେଶାତ୍ମବୋଧକ ସଙ୍ଗୀତ ପ୍ରସ୍ତୁତ କରିଥିବା ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜବାହର ନବୋଦୟ ବିଦ୍ୟାଳୟରେ ନିଆଁ

ନୂଆପଡା ଅଫିସ, ୩୧।୩

ବୁଧବାର ନୂଆପଡା ଜିଲା କୋମନା ବ୍ଲକ ତରବୋଡ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ନିଆଁ ଲାଗିଛି। ଏଥିଯୋଗୁ ବହୁତ ମୂଲ୍ୟବାନ ଗଛ ସହିତ ଫୁଲ ଓ ବିଭିନ୍ନ ପ୍ରକାର ଶୋ ଗଛ ନଷ୍ଟ ହୋଇଯାଇଛି। ନିଆଁର ପ୍ରକୋପ ଏତେ ଜୋର ଥିଲା ଯେ, ଆୟତ କରିବା ଭାରି କଷ୍ଟକର ଥିଲା। ଅଗ୍ନିଶମ ବିଭାଗକୁ ଫୋନ କରାଯାଇଥିଲେ ମଧ୍ୟ ବିଳମ୍ବରେ ପହଞ୍ଚି ଥିଲେ। ତରବୋଡ ଫାଣ୍ଡି ଅଧିକାରୀ ଲଛିନ୍ଦ୍ର ଚଳାନ, ଆଇଆରବି ଫୋର୍ସ, ଗ୍ରାମବାସୀ, ସ୍କୁଲ କର୍ମଚାରୀ ଓ ସାମାଜିକ କର୍ମୀ ଅର୍ଜୁନ ଜଗତ ସହଯୋଗରେ ନିଆଁକୁ ଆୟତ କରାଯାଇଥିଲା। ବୁଧବାର ତରବୋଡର ସପ୍ତାହିକ ବଜାର ରହିଥିଲା। ୩୫୩ ନଂ. ଜାତୀୟ ରାଜପଥ ଲାଗି ନବୋଦୟ ବାଡା ରହିଛି। କେହି ଜଣେ ବିଡି ପିଇ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କର୍ମଶାଳା

ଖପ୍ରାଖୋଲ, ୩୧।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) କର୍ମଶାଳା ବିକଳ୍ପ ତରଫରୁ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ପୁର୍ଣ୍ଣମାସୀ ବରିହା, ସମ୍ମାନିତ ଅତିଥି ବିଡିଓ ତରଣୀ ସୁନା, ଆଇସିଡିଏସ ସୁପରଭାଇଜର ପଙ୍କଜିନି ମିଶ୍ର, ଜିପିଇଓ ସୁଶାନ୍ତ ପାଣି ପ୍ରମୁଖ ଯୋଗଦେଇ ଏହି ଯୋଜନାରେ ପଞ୍ଚାୟତ ପ୍ରତିନିଧିମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଗ୍ରାମୀଣ ଅଣ କୁଶଳୀ ଶ୍ରମିକଙ୍କୁ ବର୍ତ୍ତମାନ ୩ ଶହ ଦିନର କାମ ଯୋଗେଇବା ପାଇଁ ସରକାର ବ୍ୟବସ୍ଥା କରିଥିବାବେଳେ ପ୍ରାକୃତିକ ସମ୍ବଳର ପରିଚାଳନା ଏବଂ ସୁରକ୍ଷା ସହିତ ଜୀବନ ଜୀବିକାର ବିକାଶ ପାଇଁ ଯୋଜନା ଏବେ ପ୍ରାଥମିକତା ଦେଉଥିବା ନେଇ ଆଲୋଚନା ହୋଇଥିଲା।




ବୈଠକରେ ମଞ୍ଚାସୀନ ଅତିଥି।

# ମନ୍ଥର ଗତିରେ ଚାଲିଛି ପ୍ରକଳ୍ପ କାମ

ଦେଓଗାଁ, ୩୧।୩(ଡି.ଏନ.ଏ.)

- ସିକୁଆଁରେ ପାନୀୟ ଜଳ ସଙ୍କଟ
- ୧୧ ୱାର୍ଡ ବାସିନ୍ଦାଙ୍କ ଭରସା ଗୋଟିଏ ନଳକୂପ



ସିକୁଆଁକୁ ଜଳ ଯୋଗାଣ ପାଇଁ ସୋନଗଡ ନଦୀରେ କୂଅ କାମ ଚାଲିଛି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସିକୁଆଁ ପଞ୍ଚାୟତ ମୁଖ୍ୟାଳୟରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପରେ ଜଳସ୍ତର ହ୍ରାସ ପାଇବାରୁ ପରିସ୍ଥିତି ସଙ୍ଗୀନ ହୋଇ ପଡିଛି। ଜଳଯୋଗାଣ ପ୍ରକଳ୍ପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ଏହି ପରିସ୍ଥିତିରେ ସିକୁଆଁର ୯ଟି ୱାର୍ଡ ତଥା ଉକ୍ତ ପଞ୍ଚାୟତର ଗଏଲପିଟା ଓ ବାଞ୍ଜିବାହାଲିର ୨ୱାର୍ଡର ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ଏକମାତ୍ର ନଳକୂପ ମୋଟ ୧୧ଟି ୱାର୍ଡର ଜନସାଧାରଣଙ୍କ ଆଶାଭରସା ପାଲଟିଛି।

୧୫ବର୍ଷ ତଳେ ସୋନଗଡ ନଦୀରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହୋଇଥିଲା । ହେଲେ ଜଳସ୍ତର କମିବାରୁ ଗତ ୨ବର୍ଷ ହେଲା ଜଳଯୋଗାଣ ପ୍ରଭାବିତ ହେଉଛି। ହେଲେ ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ଜଳ ଯୋଗାଣ ବନ୍ଦ ରହିଛି। ବାରମ୍ବାର ଅଭିଯୋଗ ପରେ ବିଭାଗ ତରଫରୁ ୩ମାସ ତଳେ ପୁରୁଣା ପ୍ରକଳ୍ପ ନିକଟରେ ବସୁଧା ଯୋଜନାରେଏକ ଗଭୀର କୂପ ଖନନ କାର୍ଯ୍ୟ ଚାଲିଛି । ହେଲେ ତାହା ଏତେ ମନ୍ଥର ଗତିରେ ଚାଲିଛି ଯେ, ଚଳିତ ଗ୍ରୀଷ୍ମଋତୁରେ ତାହା କାର୍ଯ୍ୟକ୍ଷମ ହେବା ଆଶା କରି ହେଉନାହିଁ। ଏଣୁ ନୂତନ କୂଅରୁ ଜଳ ଯୋଗାଣ ହେବା ପର୍ଯ୍ୟନ୍ତ ପ୍ରଶାସନ ବିକଳ୍ପ ବ୍ୟବସ୍ଥାରେ ଗ୍ରାମବାସୀଙ୍କୁ ଜଳ ଯୋଗାଇ ଦେବା ପାଇଁ କବି ସାହୁ, ଦୁଃଖୁ ପଧାନ, ପ୍ରତାପ ତମଲିଆ, ପବନ ଗଡତ୍ୟା, ପଞ୍ଚା ବାରିକ ପ୍ରମୁଖ ଦାବି କରିଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କୁ ଯୋଗାଯୋଗ କରିବାରୁ କୂଅ କାମ ଚାଲିଛି। ଆଉ ମାସେ ଭିତରେ କାମ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

## ନିଆଁ ଲାଗି ଦୁଇ ବଖରା ଭସ୍ମୀଭୂତ

ଜହ୍ନାପଙ୍କ,(ଡି.ଏନ.ଏ): ବୌଦ୍ଧ ବ୍ଲକ ବଡ଼ିଗାଁରେ ଆଜି ସକାଳ ପ୍ରାୟ ସାଢ଼େ ୭ଟାରେ ହିମାଂଶୁ ସ୍ୱାଇଁଙ୍କ ଘରେ ନିଆଁ ଲାଗି ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଏହି ଘରକୁ ସେ ବରୁଣ ସ୍ୱାଇଁଙ୍କୁ ଭଡାରେ ଦେଇଥିଲେ । ଏବଂ ସେ କୁକୁଡା ବ୍ୟବସାୟ କରୁଥିଲେ । ଏହି ଅଗ୍ନିକାଣ୍ଡରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କୁକୁଡା ଜୀବନ୍ତ ଦଗ୍ଧ ହୋଇଥିବା ଜଣାପଡିଛି । ବୌଦ୍ଧ ଦମକଳ ବାହିନୀ ପହଞ୍ଚିଲା ବେଳକୁ ସବୁ ପୋଡି ପାଉଁଶ ହୋଇଯାଇଛି । ସେ ଜଣେ ଗରିବ ହୋଇଥିବାରୁ କୁକୁଡା ବିକି ପରିବାର ପୋସୁଥିଲେ । ତୁରନ୍ତ ତାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

## ସଂକ୍ଷେପରେ

### ଶଙ୍କରା ହାଇସ୍କୁଲରୁ ଚୋରି

ବିନିକା,୩୧।୩(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ଶଙ୍କରା ବ୍ରଜ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରୁ କମ୍ପ୍ୟୁଟର ସାମଗ୍ରୀ ଚୋରି ହୋଇଯାଇଛି। ଏ ନେଇ ପ୍ରଧାନ ଶିକ୍ଷକ ମୁରଲୀଧର ବଡମାଲି ବିନିକା ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପିଅନ ଚୈତନ୍ୟ ସାହୁ ବିଦ୍ୟାଳୟ ଆସି ଲେବ୍ରୋଟୋରୀ ଗୃହର କବାଟ ଭଙ୍ଗା ଯାଇଥିବା ଦେଖି ପ୍ରଧାନଶିକ୍ଷକଙ୍କୁ ଖବର ଦେଇଥିଲେ। ପ୍ରଧାନଶିକ୍ଷକ ବଡମାଲି ଅନ୍ୟ କର୍ମଚାରୀଙ୍କ ସହ ସେଠାକୁ ଆସି ଯାଞ୍ଚ କରିବାରୁ କମ୍ପ୍ୟୁଟର ପ୍ରୋଜେକ୍ଟର ଗୋଟିଏ, ସିପିୟୁ ଗୋଟିଏ, ମନିଟର ଗୋଟିଏ , କି ବୋର୍ଡ ୨ଟି, ୱାର୍‌ଲେସ୍ ମାଉସ୍ ଗୋଟିଏ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଜିଲା ଶିକ୍ଷାଧିକାରୀ ପୁଷ୍ପା ମିଞ୍ଜଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ବିନିକା ଥାନାରେ ଏକ ମାମଲା ରୁଜୁ ହୋଇଛି ।

### ସୀମାନ୍ତ ଛକରେ ମାସ୍କ ଯାଞ୍ଚ

ରିଷିଡା, ୩୧।୩ (ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡା-ତୁଣ୍ଡୁରା ରାସ୍ତା ଗଜବାହାଲ ଛକରେ ରିଷିଡା ପୋଲିସ ପକ୍ଷରୁ ବୁଧବାର ମାସ୍କ ଯାଞ୍ଚ କଡାକଡି ଭାବେ କରାଯାଇଛି। ଏହି ଛକ କଳାହାଣ୍ଡି-ବଲାଙ୍ଗୀର ଜିଲାକୁ ସଂଯୋଗ କରୁଥିବା ଜିଲାର ଅନ୍ୟତମ ରାସ୍ତା। ସମ୍ପ୍ରତି ରାଜ୍ୟରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ବୃଦ୍ଧି ଯୋଗୁ ଏହି ଯାଞ୍ଚ କରାଯାଉଥିବା ଜଣାପଡିଛି। ଏଏସଆଇ କ୍ଷୀରସିନ୍ଧୁ ମାଝିଙ୍କ ନେତୃତ୍ୱରେ ଯାଞ୍ଚ ସମୟରେ ତହସିଲଦାର ବାସନ୍ତି ସେଠୀ ଉପସ୍ଥିତ ରହିଥିଲେ ।

### ଶାହାରୁଖ ଖାନ ନୂଆପଡା ଯୁବ କଂଗ୍ରେସ ସଭାପତି

ନୂଆପଡା ଅଫିସ, ୩୧।୩: ପ୍ରଦେଶ



କଂଗ୍ରେସଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ଶାହାରୁଖ ଖାନଙ୍କୁ ନବନିଯୁକ୍ତ କରିଛନ୍ତି। ତାଙ୍କର ନିଷ୍ପାପର ସେବା ଓ ଯୁବକମାନଙ୍କୁ ଦଳରେ ସାମିଲ କରି ନିଜର ଅଧିକାଂଶ ସମୟ ଯୁବ କଂଗ୍ରେସକୁ ସୁଦୃଢ କରିବାର ଉଚ୍ଚକୋଟିର ମନୋଭାବ ଅତ୍ୟନ୍ତ ପ୍ରଶଂସନୀୟ ଯୋଗୁ ଏହି ଦାୟିତ୍ୱ ଦିଆଯାଇଛି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ସଭା

ରିଷିଡା, ୩୧।୩ (ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡାସ୍ଥିତ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବିଶାଳ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ବୁଧବାର ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସାମାଜିକ କର୍ମୀ ନରୋତ୍ତମ ସେଲମାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଏସଏମଡିସି ସଦସ୍ୟ ଅନ୍ତର୍ଯ୍ୟାମୀ ସାହୁ, ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟମ୍ବଦା ଜେନା, ରିଷିଡା ସରପଞ୍ଚ ସରସ୍ୱତୀ ମାଝି, ସାମାଜିକ କର୍ମୀ ନେମିଚାନ୍ଦ ଜୈନ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଏସଏମଡିସି ସଦସ୍ୟମାନେ ଯୋଗଦେଇଥିଲେ ।

### ଏନ୍‌ଏସି ପକ୍ଷରୁ ସହରରେ ମାସ୍କ ଯାଞ୍ଚ

କେସିଙ୍ଗା, ୩୧।୩ (ଡି.ଏନ.ଏ.): କଳାହାଣ୍ଡି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା ଏନଏସି ଦ୍ୱାରା ପ୍ରଥମ କରି ସହରର ବିଭିନ୍ନ ଛକଠାରେ ମାସ୍କ ଯାଞ୍ଚ ରବିବାର ଓ ସୋମବାର ଦୁଇ ଦିନ ଧରି କରାଯାଇଛି। କରୋନା ବର୍ତ୍ତମାନ ଧୀରେ ଧୀରେ ବୃଦ୍ଧି ପାଉଥିବାରୁ ଲୋକେ ମାସ୍କ ବ୍ୟବହାର କରୁ ନ ଥିବାରୁ ଦୁଇ ଦିନ ମଧ୍ୟରେ ୧୧୧ ଜଣଙ୍କଠାରୁ ୧୧ ହଜାର ୭ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। କେସିଙ୍ଗା ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀଙ୍କ ସମେତ କେସିଙ୍ଗା ପୋଲିସ ସହାୟତାରେ ମାସ୍କ ଯାଞ୍ଚ କରାଯାଇଥିଲା ।

### ପୋଖରୀ ଦଳ ସଫା କଲେ ଯୁବଗୋଷ୍ଠୀ

ରିଷିଡା, ୩୦।୩ (ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡା ନିକଟସ୍ଥ ତେରେସିଂହା ନେହେରୁ ଯୁବକ ସଂଘର ଉତ୍ସାହୀ ଯୁବକମାନେ ତେରେସିଂହା ଗ୍ରାମରେ ଥିବା ପୋଖରୀର ଦଳ ସଫା କରିଛନ୍ତି। ଏହି ପୋଖରୀରେ ଦଳ ଓ ଅନାବନା ଗଛଗୁଡିକ ସଫା କରାଯାଇ ନ ଥିବାରୁ ପରିତ୍ୟକ୍ତ ଅବସ୍ଥାରେ ଥିଲା । ଯୁବ ଗୋଷ୍ଠୀଙ୍କ ଏହି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି ।

# ବାଲିଚୁଆ ଭରସା

ନୂଆପଡା ଅଫିସ, ୩୧।୩




ରଜନା ଗାଁର ମହିଳାମାନେ ଘୋଡାଘାଟ ନଦୀ ଘାଟ ବାଲିଚୁଆରୁ ପାଣି ସଂଗ୍ରହ କରୁଛନ୍ତି ।

**ରଜନା ଗାଁରେ ଜଳକଷ୍ଟ**

- ୧ କି.ମି. ଦୂରରୁ ପାଣି ଆଣିବାକୁ ପଡୁଛି
- କାର୍ଯ୍ୟକ୍ଷମ ହୋଇପାରୁନି ଓଭରହେଡ୍ ଟାଙ୍କି
- ପାଣି ପାଇପ ଫାଟି ନଷ୍ଟ ହେବାକୁ ବସିଲାଣି

ପଶ୍ଚିମ ଓଡ଼ିଶାରେ ଗତ କିଛି ଦିନ ହେଲା ଅସହ୍ୟ ଖରା ସାଙ୍ଗକୁ ଗୁଳୁଗୁଳି ଓ ଝାଞ୍ଜି ପବନ ଲୋକଙ୍କୁ ଦ୍ୱିଗୁଣିତ କରିଛି। ଅନ୍ୟପଟେ ପାଣି ମୁନ୍ଦାଏ ପାଇଁ ସକାଳ ପାଇଲେ ହାତରେ ଗରା, ମାଠିଆ ଧରି ନଳକୂପ ପାଖରେ ମହିଳାଙ୍କ ଭିଡ ଜମୁଛି। ନୂଆପଡା ଜିଲା କୋମନା ବ୍ଲକ ରଜନା ଗାଁରେ ଏବେ ପାଣି ମୁନ୍ଦାଏ ପାଇଁ ଲୋକେ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ଗାଁଠାରୁ ଗୋଟିଏ କି.ମି. ଦୂରରେ ବୋହିଯାଉଛି ଘୋଡାଘାଟ ନଦୀ। ସେହି ନଦୀ ଭିତରୁ ବାଲିଚୁଆ ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ। ସବୁଦିନ ପାଇଁ ଏହି ପାଣି ହିଁ ସାହା ଭରସା। ଗତ କିଛି ବର୍ଷ ପୂର୍ବରୁ ଗାଁରେ ଓଭରଟାଙ୍କି ସାହାଯ୍ୟରେ ପାଣି ଯୋଗାଇ ଦେବା ବ୍ୟାବସ୍ଥା ହୋଇଥିଲା। କିନ୍ତୁ ଏଯାଏଁ କାର୍ଯ୍ୟକ୍ଷମ ହୋଇପାରୁନି ଓଭରହେଡ୍ ଟାଙ୍କି। ଦୀର୍ଘ ଦିନ ହେଲା ଅଚଳ ହୋଇ ପଡିଛି। ଗାଁରେ ସଂଯୋଗ ହୋଇଥିବା ପାଣି ପାଇପ ଫାଟି ନଷ୍ଟ ହେବାକୁ ବସିଲାଣି। ରଜନା ଗାଁରେ ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ଲୋକେ ବାସ କରନ୍ତି । ଗାଁରେ ଥିବା ନଳକୂପରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁ ଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ଲୋକେ ବାଧ୍ୟ ହୋଇ ଏକ କି.ମି. ଯାଇ ନଦୀରୁ ପାଣି ଆଣୁଛନ୍ତି। ଗତ ୨ ବର୍ଷ ପୂର୍ବରୁ ଲୋକଙ୍କ ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ଏକ ଲକ୍ଷ ବ୍ୟୟ ଅଟକଳରେ ଏକ ଓଭର ଟାଙ୍କି ସାହାଯ୍ୟରେ ରଜନା ଗାଁକୁ ପାଣି ଯୋଗାଇ ଦେବାର ବ୍ୟାବସ୍ଥା କରାଯାଇଥିଲା। ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନ ମନଭାବ ଯୋଗୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଏ ନେଇ ଗ୍ରାମବାସୀ ବାରମ୍ବାର ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏ ସଂକ୍ରାନ୍ତରେ ଡିଆରଡିଏ ପିଡି ନବୀନ ପଟେଲଙ୍କୁ ପଚାରିବାରୁ ଓଭର ଟାଙ୍କି ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି କହିଥିଲେ।

## ଚାଉଳ ବସ୍ତା ତଳେ ଚାପି ହୋଇ ୨ଶ୍ରମିକ ଗୁରୁତର

ବିନିକା,୩୧।୩(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାମ ପଞ୍ଚାୟତରେ ଥିବା ବାଲାଜୀ ରାଇସ୍ ମିଲ୍‌ର ଚାଉଳ ଗୋଦାମରେ ବୁଧବାର ଚାଉଳ ବସ୍ତା ତଳେ ଚାପି ହୋଇ ୨ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି । ସେମାନେ ହେଲେ ବାଙ୍କିଘିର୍ଡି ଗାଁର ଖେସୁ ଭୋଇ (୫୦) ଓ ଜଗଦୀଶ ଭୋଇ (୨୬) । ଉଭୟଙ୍କୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି ।

ପ୍ରକାଶ ଯେ, ସକାଳ ପ୍ରାୟ ୯ଟା ସମୟରେ ମିଲ୍‌ର ଶ୍ରମିକମାନେ ଚାଉଳ ଭର୍ତ୍ତି ବସ୍ତା ଉଠାଉଥିବା ବେଳେ ଗୋଦାମ ଗୃହରେ ଅତି ଉଚ୍ଚରେ ଡେରା ହୋଇ ରହିଥିବା ଚାଉଳ ବସ୍ତା ହଠାତ୍ ତଳକୁ ଖସି ପଡିଥିଲା । ଏହି ଚାଉଳ ବସ୍ତାଗୁଡିକ ଦୁଇଜଣ ଶ୍ରମିକଙ୍କ ଉପରେ ଅଜାଡି ହୋଇ ପଡିବାରୁ ଉଭୟ ବସ୍ତା ତଳେ ଚାପି ହୋଇ ଯାଇଥିଲେ । ଏହାକୁ ନେଇ ଶ୍ରମିକମାନେ କିଛି ସମୟ ହୋ ହଲ୍ଲା କରିବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ମିଲ୍‌ରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ଆସି ଚାଉଳ ବସ୍ତା ଉଠାଇ ଦୁହିଁଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ମିଲ୍ ମାଲିକ ଉଭୟ ଶ୍ରମିକଙ୍କୁ ବିନିକା ମେଡିକାଲରେ ଭର୍ତ୍ତି କରିଥିଲେ । ଖେସୁଙ୍କର ମୁଣ୍ଡ ଓ ନାକରେ ଶକ୍ତ ଆଘାତ ଲାଗିଛି । ସେହିପରି ଜଗଦୀଶଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଛି । ଏନେଇ ରାଇସ୍ ମିଲ୍ କର୍ତ୍ତୃପକ୍ଷଙ୍କୁ ପଚାରିବାରେ କହିଥିଲେ ଯେ, ଆହତ ଶ୍ରମିକଙ୍କୁ ବୁର୍ଲାରେ ଭର୍ତ୍ତି କରାଯାଇଛି । ତେବେ ରାଇସ୍ ମିଲ୍‌ରେ କାମ କରୁଥିବା ଶ୍ରମିକମାନଙ୍କ ନିରାପତ୍ତା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ବିନିକା ବ୍ଲକ ପୂର୍ବତନ ଭାଜପା ସଭାପତି ଉମେଶ ନାଇକ କ୍ଷୋଭ ପ୍ରକାଶ କରିଛନ୍ତି । ଜିଲା ଶ୍ରମ ବିଭାଗ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

## ଅଭିଯୋଗକୁ ଅଣଦେଖା, ଏସ୍‌ପିଙ୍କୁ ଫେରାଦ

ବରଗଡ଼ ଅଫିସ୍,୩୧।୩




ବରଗଡ଼ ଏସପିଙ୍କୁ ଫେରାଦ ହୋଇଥିବା ପରିବାର ଲୋକେ ।

ବରଗଡ଼ ଜିଲା ବରପାଲି ଥାନା ପାଟକୁଲୁଣ୍ଡା ଗ୍ରାମର ନୂଆଖାଉ ମେହେର(୨୮)ଙ୍କ ଏତଲା ପ୍ରତି ସ୍ଥାନୀୟ ପୋଲିସ ଅଣଦେଖା କରୁଛି। ଏତଲାକୁ ଗୁରୁତ୍ୱ ଦେବା ବଦଳରେ ପାଲଟା ତାଙ୍କ ପରିବାର ଲୋକଙ୍କୁ ବରପାଲି ପୋଲିସ ଥାନାରେ ଦୀର୍ଘ ସମୟ ଧରି ଅଟକ ରଖି ପ୍ରତାରଣା କରୁଥିବା ନୂଆଖାଉ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ସେ ପରିବାର ସହିତ ଏସପି ପଦ୍ମିନୀ ସାହୁଙ୍କୁ ଫେରାଦ ହୋଇଥିଲେ। ଏସପି ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି। ନୂଆଖାଉ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ତିଆରି କରୁଛନ୍ତି। ଘର ବାବଦକୁ ଆବଶ୍ୟକ ସିମେଣ୍ଟ, ଲୁହାରଡ କିଣିବା ପାଇଁ ସେ କାଇଁଶିର ଗ୍ରାମର ଜଣେ ଦୋକାନୀଙ୍କ ପାଖକୁ ଯାଇଥିଲେ । ତେବେ ଦୋକାନୀ ଜଣକ ସେଠାରେ ତାଙ୍କୁ ସିମେଣ୍ଟ, ଲୁହାରଡ଼ ଦେବା ବଦଳରେ ଗାଳିଗୁଲଜ କରିବା ସହିତ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ନୂଆଖାଉ ମଙ୍ଗଳବାର ବରପାଲି ଥାନାରେ ଏତଲା ଦେଇଛନ୍ତି। କିନ୍ତୁ ପୋଲିସ ଉକ୍ତ ଅଭିଯୋଗକୁ ହାଲୁକାଭାବେ ନେଇ ତାଙ୍କ ସମେତ ସ୍ତ୍ରୀ, ପୁଅକୁ ଦୀର୍ଘ ସମୟ ଧରି ଥାନାରେ ଅଟକ ରଖିଥିଲା ବୋଲି ଅଭିଯୋଗ ହୋଇଛି ।

## ଅନ୍ତଃ ଜିଲା ସିନିୟର କ୍ଲବ କ୍ରିକେଟ ଉଦ୍‌ଯାପିତ

ଭବାନୀପାଟଣା, ୩୧।୩ (ଡି.ଏନ.ଏ.)



ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳିମାନେ ।

ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ଓସିଏ ଭିଜନ୍-୨୪ ଅନ୍ତଃ ଜିଲା ଜୋନ୍‌ସ୍ତରୀୟ ସିନିୟର କ୍ଲବ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗ୍ରୁପ 'ଏ' ରେ ମୋନାର୍କ କ୍ଲବ ବିଜେତା ହୋଇଥିବା ବେଳେ ନବଦୁର୍ଗା କ୍ରିକେଟ କ୍ଲବ ଉପବିଜେତା ହୋଇଥିଲେ। ସେହିପରି ଗ୍ରୁପ 'ବି'ରେ ନେହେରୁ ଯୁବ ସଂଘ ବିଜେତା ହୋଇଥିବା ବେଳେ କଳାହାଣ୍ଡି ଜିଲା କ୍ରିକେଟ ଆସୋସିଏଶନ୍ ଉପବିଜେତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡିଶା ଅଲମ୍ପିକ ଆସୋସିଏଶନ୍ ସଭାପତି ତଥା ଜିଲା କ୍ରୀଡା ସଂସ୍ଥା ସମ୍ପାଦକ ଜଗମୋହନ ପଟ୍ଟନାୟକ ଯୋଗଦେଇ ପୁରସ୍କୃତ କରିଥିଲେ। ଏହି ଅବସରରେ ଓଡିଶା ୧୯ ବର୍ଷରୁ କମ୍ କ୍ରିକେଟ ଦଳରେ ସ୍ଥାନ ପାଇଥିବା ଦିନେଶ ମାଝି ଓ ଭାଷ୍ୟକାର ସତ୍ୟନାରାୟଣ ଠାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କ୍ରୀଡା ସଂସ୍ଥା ଉପସଭାପତି ସୁରେନ୍ଦ୍ରନାଥ ତ୍ରିପାଠୀ, ସହସମ୍ପାଦକ ସୁନୀଲ ବେହେରା, କୋଷାଧ୍ୟକ୍ଷ ନିର୍ମଳ ସିଂହ, ଫୁଟବଲ ସମ୍ପାଦକ ଅବଦୁଲ କାଦିର, କ୍ରିକେଟ ସମ୍ପାଦକ ସନ୍ତ ସିଂହ, କ୍ରୀଡା ସମ୍ପାଦକ ଚକ୍ରଧର ସେଠୀ, ଅନ୍ୟ ଖେଳ ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, ଶମ୍ଭୁ ପ୍ରସାଦ ରାଉତ, ଭିକାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା କାର୍ଯ୍ୟକାରିଣୀ ବୈଠକ

ବୌଦ୍ଧ,୩୧।୩(ସ୍ୱ.ପ୍ର.)

ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଟାଉନହଲଠାରେ ସଭାପତି ବିପ୍ର ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୩ଟି ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରାଯାଇଥିଲା। ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପାନୀୟଜଳ ସଙ୍କଟ, ଆଇନଶୃଙ୍ଖଳା ପରିସ୍ଥିତି, ଅଭାବୀ ଧାନ ବିକ୍ରି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦୁର୍ନୀତିକୁ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ଚିଠା ପ୍ରସ୍ତାବଗୁଡିକୁ ସୂର୍ଯ୍ୟ ନାରାୟଣ ମହାପାତ୍ର, ସୁଶାନ୍ତ କୁମାର ବାଘ ଓ ତାପସ ପଟ୍ଟନାୟକ ଆଗତ କରିଥିଲେ । ବୈଠକରେ ସମ୍ବଲପୁର ଜିଲା ଭାଜପାର ପୂର୍ବତନ ସଭାପତି ତଥା ବୌଦ୍ଧ ଜିଲା ପ୍ରଭାରୀ ରାମଚନ୍ଦ୍ର ମେହେର ,ସୁଶାନ୍ତ କୁମାର ପ୍ରଧାନ, ପୂର୍ବତନ ସଭାପତି ଅଞ୍ଜନ କୁମାର ସାହୁ, ରାଜେନ୍ଦ୍ର ମେହେର, ଚଞ୍ଚଳ ରଣା ପ୍ରମୁଖ ଯୋଗ ଦେଇଥିଲେ।

## ପ୍ଲାଷ୍ଟିକ ବର୍ଜନ, କପଡ଼ା ବ୍ୟାଗ୍ ବ୍ୟବହାର ସଚେତନତା

ନୂଆପଡା ଅଫିସ, ୩୧।୩



ପ୍ଲାଷ୍ଟିକ ବର୍ଜନ କରି କପଡା ବ୍ୟାଗ ବ୍ୟବହାର ନେଇ ସଚେତନ କରାଯାଉଛି।

ନୂଆପଡା ଜିଲା କୋମନା ବ୍ଲକ ଗୋଇଜୋର ଗାଁରେ ନେହେରୁ ଯୁବ କେନ୍ଦ୍ର ନୂଆପଡା ଓ ମା' ବଞ୍ଜାରୀ ଯୁବକ ସଂଘ ଗୋଇଜୋରଙ୍କ ମିଳିତ ଆନୁକୂଲ୍ୟରେ ଗୋଇଜୋର ଗାଁରେ ମଇଳା କୁଣ୍ଡର ବ୍ୟାବହାର, କପଡା ବ୍ୟାଗ ଓ ଜଳ ସଚେତନ କ୍ୟାଲେଣ୍ଡର ବଣ୍ଟନ କରାଯାଇଛି। ଗାଁ ମଧ୍ୟ ଭାଗରେ ଗୋଟୋଏ ମଇଳା କୁଣ୍ଡ ରଖି ତାହାର ବ୍ୟାବହାର ବିଷୟରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ପ୍ଲାଷ୍ଟିକ ବର୍ଜନ କରି କପଡା ବ୍ୟାଗ ବ୍ୟବହାର ଉପରେ ଘର ଘର ବୁଲି ସଚେତନ କରବା ସହିତ ପ୍ଲାଷ୍ଟିକ ବ୍ୟାବହାର ଯୋଗୁ ପରିବେଶ ଦୁଷିତ ହେଉଥିବାରୁ ପ୍ଲାଷ୍ଟିକ ବର୍ଜନ କରନ୍ତୁ ସ୍ୱଚ୍ଛ ଗ୍ରାମ-ସବୁଜ ଗ୍ରାମ ଗଠନ କରନ୍ତୁ। ଅଧିକ କରି ଗ୍ରୀଷ୍ମ ଋତୁରେ ଓଶ୍ଚିମ ଓଡିଶାରେ ଜଳକଷ୍ଟ ଦେଖା ଦେଉଥିବାରୁ ବର୍ଷା ଜଳ ସଂରକ୍ଷଣ ଓ ଜଳର ସଦ୍ ବ୍ୟାବହାର ଉପରେ ଏକ କ୍ୟାଲେଣ୍ଡର ଦେଇ ସଚେତନ କରିଥିଲେ। ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବି ଟିକେଶ୍ୱର ହଂସ ଓ ସଂଯୁକ୍ତା ଶବର ପରିଚାଳନା କରିଥିବା ବେଳେ ମା' ବଞ୍ଜାରୀ ଯୁବକ ସଂଘ ସଭାପତି ଜଗତ ରାମ ନିଆଲ, ସମ୍ପାଦକ ନବୀନ ଭୋଇ, ଟୁକୁ ଭୋଇ, ଯଶୋବନ୍ତ ଗହୀର ସହଯୋଗ କରିଥିଲେ।

## ୪ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କୋକସରା, ୩୧।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଶିକ୍ଷା ବିଭାଗର ୪ଜଣ ଶିକ୍ଷକଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେମାନେ ହେଲେ କୃଷ୍ଣଚନ୍ଦ୍ର ପୁରୋହିତ, ଲବଣି ଦିଶାରୀ, ପ୍ରହଲ୍ଲାଦ ଠାକୁର ଓ ପଦ୍ମନ ରଣା। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ସଂଘ ବରିଷ୍ଠ ଶିକ୍ଷକ ଲକ୍ଷ୍ମୀଧର ସେନାପତି, ସତ୍ୟବାନ ପାଣିଗ୍ରାହୀ, ବୀର କିଶୋର ନାଗ, ଈଶ୍ୱରୀ ପ୍ରସାଦ ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠି ଶିକ୍ଷା ବିଭାଗ ଅଧିକାରୀ ନାଗେଶ୍ୱର ପ୍ରଧାନ, ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝି ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକଙ୍କ ପାଇଁ ଯୋଗ କାର୍ଯ୍ୟକ୍ରମ

ଭବାନୀପାଟଣା, ୩୧।୩ (ଡି.ଏନ.ଏ.)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ବ୍ରଜବିହାର) ପରିସରରେ ବରିଷ୍ଠ ନାଗରିକ ସଂଘ କଳାହାଣ୍ଡି ଦ୍ୱାରା ବରିଷ୍ଠ ନାଗରିକମାନଙ୍କ ପାଇଁ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ଯୋଗ ବିଷାରଦ ଅଶୋକ ମୁଣ୍ଡ ଓ ଡା. ନିହାରେନ୍ଦ୍ର ପଣ୍ଡା, ଏଡିଏମ୍‌ଓ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର କଳାହାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଜେନ୍ଦ୍ର ପାଢୀ, ବାଳକୃଷ୍ଣ ସେନାପତି ଓ ଲଛିଆ ପାତ୍ର ସହଯୋଗ କରିଥିଲେ। ବିଜୟ ହୋତା, ମଳୟ ମୁଣ୍ଡ, ଭୁବନେଶ୍ୱର ମହାନନ୍ଦ ପ୍ରମୁଖ କର୍ମକର୍ତ୍ତା ଏବଂ ଅନ୍ୟ ୩୦ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ସଭାପତି ବିଜୟ ହୋତା ବରିଷ୍ଠ ନାଗରିକ ସଂଘ ମହିଳା ସଭ୍ୟ ଓ ସଭ୍ୟମାନଙ୍କ ପତ୍ନୀମାନଙ୍କୁ ନେଇ ଆଉ ଏକ ଯୋଗ ସଚେତନ କାର୍ଯ୍ୟକ୍ରମ ହେଉଥିବା ଘୋଷଣା କରିଥିଲେ ଏବଂ ଏହାକୁ ଆଗାମୀ ଦିନରେ ସାପ୍ତାହିକ କରିବା ପାଇଁ ଯୋଜନା ଥିବା ସୂଚନା ଦେଇଥିଲେ। ଅଶୋକ ମୁଣ୍ଡ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ଏବଂ ଡା. ପଣ୍ଡା ଯୋଗ ଓ ପ୍ରାଣାୟମ ମାଧ୍ୟମରେ ଡାଇବେଟିସ, ବିପି, ହୃଦରୋଗ ଇତ୍ୟାଦିର ଉପଚାର ଉପରେ ଯୋର ଦେଇଥିଲେ। ଉପସଭାପତି ମଳୟ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷଜମି ପୋଡ଼ିରୁ ଜନବସତି ଆଡ଼କୁ ଆସୁଛି ନିଆଁ

କୋକସରା, ୩୧।୩ (ଡି.ଏନ.ଏ.)

ବୁଧବାର କଳାହାଣ୍ଡି ଜିଲା କୋକସରା ଗ୍ରାମ ନିକଟ ଚାଷ ଜମିରେ ଥିବା ପାଳନଡା ପୋଡ଼ିବାକୁ କେହି ଜଣେ ନିଆଁ ଲଗାଇବା ଯୋଗୁ ତାହା ଧୀରେ ଧୀରେ ଜନବସତି ମୁହାଁ ହୋଇଥିଲା। ଚାଷ ଜମିରେ ଲାଗିଥିବା ନିଆଁ ଚାରିଆଡେ ଧୂଆଁମୟ ହୋଇଗଲା। କିଛି ସମୟ ପାଇଁ ରାସ୍ତାରେ ଯିବା ଆସିବା ମଧ୍ୟ ଅସମ୍ଭବ ହୋଇପଡିଲା। ଜାତୀୟ ରାଜପଥ କୋକସରା ପୋଷ୍ଟ ଅଫିସରୁ ଦାସ କଲୋନୀ ପର୍ଯ୍ୟନ୍ତ ମାଡ଼ିଗଲା ନିଆଁ । ସମସ୍ତେ ନିଆଁ ଲିଭାଇବାରେ ଲାଗିପଡିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବାରେ ଲାଗିପଡିଲେ। ବିସ୍ତୀର୍ଣ୍ଣ ଅଞ୍ଚଳରେ ନିଆଁ ଲାଗିଥିବାରୁ ଅଗ୍ନିଶମ କର୍ମଚାରୀଙ୍କୁ ମଧ୍ୟ ନାକେଦମ ହେବାକୁ ପଡିଥିଲା। କୋକସରା ପୋଲିସ ମଧ୍ୟ ପହଞ୍ଚି ନିଆଁ ଲିଭାରେ ସହାୟତା କରିଥିଲେ। ଦୀର୍ଘ ୩ ଘଣ୍ଟାର ପରିଶ୍ରମ ପରେ ନିଆଁ ଆୟତ୍ତକୁ ଆସିଥିଲା।

## ଆମ ଜଙ୍ଗଲ ଯୋଜନା ସଚେତନତା

ନୂଆପଡା ଅଫିସ, ୩୧।୩

ନୂଆପଡା ଜିଲା ବୋଡେନ ବ୍ଲକ କର୍ଲାକୋଟର ଡୁଡୁକିବାହାଲ ଗାଁରେ ଆମ ଜଙ୍ଗଲ ଯୋଜନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କର୍ଲାକୋଟ ପଞ୍ଚାୟତ ସମସ୍ତ ଗାଁର ବନସୁରକ୍ଷା ସମିତି ସଭ୍ୟାସଭ୍ୟ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ବନ କର୍ମଚାରୀ ଓ ଗ୍ରାମବାସୀ ଯୋଗଦେଇଥିଲେ। ଖଡିଆଳ ବନାଞ୍ଚଳ ରେଞ୍ଜର ସଦାନନ୍ଦ ସୁନାନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଗଛ ବଞ୍ଚାଇବା, ବନଜାତ ଦ୍ରବ୍ୟ ସଂଗ୍ରହ କରି ଉପଯୁକ୍ତ ବଜାରରେ ବିକ୍ରୟ କରିବା ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ପରାମର୍ଶ ଦାତା ଅରୁଣ କୁମାର ବିଶ୍ୱାଳ ନେତୃତ୍ୱରେ ବନାଞ୍ଚଳ ଅଧିକାରୀ ଖଡିଆଳ ବନଖଣ୍ଡଙ୍କ ସୌଜନ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫରେଷ୍ଟର ରଞ୍ଜନ ସାହୁ, ସ୍ୱର୍ଣ୍ଣଲତା, ଚିନାମଣି ପ୍ରମୁଖ ଉପସ୍ଥିତ ଥିଲେ।

## ଦାୟିତ୍ୱହୀନତାକୁ ନେଇ ଘେରିଲେ ଗ୍ରାମବାସୀ

ବଲାଙ୍ଗୀର ଅଫିସ, ୩୧।୩



ଲୋକେ ଦମକଳ ଆଗରେ ବସି ଅଟକାଇଛନ୍ତି।

- ସିନ୍ଦୁରବାହାଲରେ ଅଗ୍ନିକାଣ୍ଡ
- ୨ଘଣ୍ଟା ବିଳମ୍ବରେ ପହଞ୍ଚିଲା ଦମକଳ ଗାଡି

ବଲାଙ୍ଗୀର ସହର ୬ କିଲୋମିଟର ଦୂରରେ ଥିବା ସିନ୍ଦୁରବାହାଲ ଗାଁରେ ବୁଧବାର ଦିନ ସାଢ଼େ ୧ଟା ବେଳେ ଅଗ୍ନିକାଣ୍ଡ ଘଟିଥିଲା। କୌଣସି କାରଣରୁ ୫ଟି ପାଳଭାଡିରେ ନିଆଁ ଲାଗିଯାଇଥିଲା। ଗାଁ ଲୋକେ ଅଗ୍ନିଶମ ବିଭାଗକୁ ଫୋନ୍ କରି ଜଣାଇଥିଲେ । ଅଗ୍ନିକାଣ୍ଡ ବ୍ୟାପକ ଆକାର ଧାରଣ କରିଥିଲା। ପକ୍କାଘର ପଛପଟ ଗୁହାଳ, କାଠ, ବାଡିବଗିଚାରେ ଅଗ୍ନି ସଂଯୋଗ ହୋଇ ଜଳିପୋଡି ଛାରଖାର ହୋଇଯାଇଥିଲା। ଗାଁ ଲୋକେ ପମ୍ପ ସହାୟତାରେ ପାଣି କାଢ଼ି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ନିଆଁ ଗୋଟିଏ ବାଡିରୁ ଅନ୍ୟ ବାଡିକୁ ମାଡି ଯାଇଥିଲା। ଭୟଭୀତ ଗ୍ରାମବାସୀ ବିଭିନ୍ନ ସାମଗ୍ରୀ ଧରି ଘରୁ ବାହାରି ଆସିଥିଲେ । ୨ଘଣ୍ଟା ବିଳମ୍ବରେ ବଲାଙ୍ଗୀର ଅଗ୍ନିଶମ ବିଭାଗର ଏକ ଗାଡି ସିନ୍ଦୁରବାହାଲରେ ପହଞ୍ଚିଥିଲା। ମାତ୍ର ନିଆଁ ଆୟତ୍ତ କରିବାକୁ ଗଲାବେଳେ ଦମକଳ ଗାଡିରୁ ପାଣି ସରିଯାଇଥିଲା । ଲୋକେ କୂଅରୁ ପାଣି ସଂଯୋଗ କରିବାକୁ କହିବାରୁ ଗାଡିରେ ପମ୍ପ ନ ଥିବା କୁହାଯାଇଥିଲା । ଅଗ୍ନିଶମ ବିଭାଗର ଏଭଳି ଦାୟିତ୍ୱହୀନତା ଦେଖି ଗାଁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଗାଁ ଲୋକଙ୍କ କହିବା ମୁତାବକ ଦମକଳ ଗାଡିରେ କିପରି ପମ୍ପ ନାହିଁ ବୋଲି ଲୋକେ ପ୍ରଶ୍ନ କରିଥିଲେ। ଏହାପରେ ଅଗ୍ନିଶମ କର୍ମଚାରୀମାନେ ଉକ୍ତ ଦମକଳ ଗାଡିକୁ ଛାଡି ଦେଇ କୁଆଡେ ଚାଲିଯାଇଥିଲେ । ଏହାର ଦୀର୍ଘ ୨ ଘଣ୍ଟା ପରେ ପୁଣି ଦୁଇଟି ଦମକଳ ଗାଡି ଉକ୍ତ ଗାଁରେ ପହଞ୍ଚିଥିଲା । ଅନ୍ୟପଟେ ଗାଁ ଲୋକେ ଅଗ୍ନିକୁ ଆୟତ୍ତ କରିବା ପାଇଁ ବହୁ କଷ୍ଟ ସ୍ୱୀକାର କରିଥିଲେ । ଲୋକଙ୍କ ଦୀର୍ଘ ଶ୍ରମ ପରେ ଗାଁ ଭିତରକୁ ଅଗ୍ନି ସଂଯୋଗ ହୋଇପାରି ନ ଥିଲା । ଫଳରେ ସିନ୍ଦୁରବାହାଲ ଗ୍ରାମବାସୀ ବଡଧରଣର ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଥିଲେ । ଅଗ୍ନିଶମ ବିଭାଗର ଏଭଳି ଦାୟିତ୍ୱ ହୀନତାକୁ ବିରୋଧ କରି ଗ୍ରାମବାସୀ ଦମକଳ ଗାଡି ଓ କର୍ମଚାରୀ ଗାଡିକୁ ଘେରିଥିଲେ। ବିନା ପାଣି ଓ ପମ୍ପରେ ଦମକଳ ଗାଡି କିଭଳି ଆସିଲା ବୋଲି ଲୋକେ ପ୍ରଶ୍ନ କରିଥିଲେ। ଦୀର୍ଘ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାମବାସୀ ଅଚଳ ଅଗ୍ନିଶମ ଗାଡି ସମ୍ମୁଖରେ ବସି ରହିଥିଲେ। ଅନ୍ୟ ଗାଡି ଆସିବା ପରେ ବହୁ ସ୍ଥାନରେ ଜଳୁଥିବା ନିଆଁକୁ ଲିଭାଇଥିବା ଜଣାପଡିଛି। ଏନେଇ ବଲାଙ୍ଗୀର ଫାୟାର ଅଫିସର ଶ୍ୟାମ ସୁନ୍ଦର ସିଂଙ୍କୁ ଯୋଗାଯୋଗ କରାଯାଇଥିଲା। ମୋବାଇଲ ରିଙ୍ଗ ହେବା ସତ୍ତ୍ୱେ ସେ ରିସିଭ ନ କରିବାକରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ସଦର ଥାନା ଆଇଆଇସି ତୋଫାନ୍ ବାଗଙ୍କୁ ପଚରାଯିବାରୁ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ଦମକଳ ଗାଡିକୁ ଛାଡିଛନ୍ତି ଓ ଅନ୍ୟ ଦମକଳ ଗାଡି ଏବେବି ନିଆଁକୁ ଲିଭାଇବାରେ ଲାଗିଛନ୍ତି ବୋଲି କହିଛନ୍ତି।